# ଅଦିନିଆ ବର୍ଷା ଅମଳକୁ ଅଡୁଆ

## ସଂକ୍ଷେପରେ

### କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ଜନଜୀବନ ଅସ୍ତବ୍ୟସ୍ତ, ପରିବା ଓ ମୁଗ ଫସଲ ନଷ୍ଟ

ଚଣ୍ଡିଖୋଲ,୨୦।୩(ପ୍ରଦୀପ୍ତ କୁମାର ପୃଷ୍ଟି):

୨ ଦିନ କାଳବୈଶାଖୀ ପ୍ରଭାବରେ ବଡ଼ଚଣା ବ୍ଲକ୍ ଅଞ୍ଚଳରେ ପ୍ରବଳ ବର୍ଷା ଓ ଘଡ଼ଘଡ଼ି ହୋଇଛି। ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଦୁଇ ଦିନରେ ୬୦ ମିଲି ମିଟର ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବୁଧବାର ଅପରାହ୍ନରେ ବର୍ଷା କମିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି। ଚାଷୀମାନେ ଜମିରେ ବୁଣି ଥିବା ମୁଗ ଫସଲ ନଷ୍ଟ ହେବା ଆଶଙ୍କା ରହିଛି। ଯେଉଁ ଚାଷ ଜମି ଖାଲୁଆ ଅଛି ସେଠାରେ ପାଣି ଜମିରହିଛି। ଯେଉଁ ମୁଗ ଗଛ ବଡ଼ ହୋଇଗଲାଣି ତାହା ବର୍ଷା ଓ ପବନ ଯୋଗୁ ନଷ୍ଟ ହୋଇଯିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ସେହିପରି ଟମାଟୋ, ଲଙ୍କା, ବାଇଗଣ ଓ ଧଣିଆ ଭଳି ପରିବା ଚାଷ ନଷ୍ଟ ହେବ ବୋଲି ଚାଷୀ କହିଛନ୍ତି। ମଙ୍ଗଳବାର ରାତିରେ ଯେଉଁ ବର୍ଷା ହୋଇଛି ସେଥିରେ କୁଆପଥର ହୋଇଛି। ତାହା ପରିବା ଫସଲକୁ ଅଧିକ କ୍ଷତି କରିବ ବୋଲି କୁହାଯାଉଛି।

### ନାବାଳିକା ଅପହରଣ ଘଟଣାରେ ଅଭିଯୁକ୍ତ ଗିରଫ

ସୋର, ୨୦।୩(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ଆଟପୁର ପଞ୍ଚାୟତର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଛି। ଏହି ଗ୍ରାମର ଜଣେ ନାବାଳିକାଙ୍କୁ ତୁଡିଗଡିଆ ତେନ୍ତୁଳିପଦା ଗ୍ରାମର ମୀର ଫୟାଜୁଦ୍ଦିନ(୨୪) ଅପହରଣ କରିନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୧୨୧/୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବୁଧବାର ଭୋର ସମୟରେ ପୋଲିସ ଫୟାଜୁଦ୍ଦିନ ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରିବା ସହିତ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଅପରାହ୍ନରେ ସୋର ଡାକ୍ତରଖାନାରେ ତାଙ୍କ ଡାକ୍ତରୀମାଇନା ପରେ ପୋଲିସ ବାଲେଶ୍ୱର ପୋକ୍‌ସୋ କୋର୍ଟଚାଲାଣ କରିଛି।

## ମୁଗ, ବାଦାମ, ପରିବା ଫସଲ ଉଜୁଡ଼ିଲା

ରସୁଲପୁର,୨୦।୩(ରଞ୍ଜିତ ରାଉତ):

ରସୁଲପୁର ଏକ କୃଷି ପ୍ରଧାନ ବ୍ଲକ ଭାବରେ ପରିଚିତ। ବ୍ଲକ୍‌ର ୨୮ ପଞ୍ଚାୟତରୁ ଶତକଡା ୭୦ଭାଗ ଲୋକ କୃଷିକାର୍ଯ୍ୟ ଉପରେ ନିର୍ଭରଶୀଳ। ହେଲେ ପରିବର୍ତ୍ତିତ ପାଣିପାଗ ଚାଷୀକୂଳକୁ ସର୍ବଦା ପ୍ରଭାବିତ କରିଆସୁଛି। ଦୁଇଦିନ ହେଲା ଅଦିନିଆ ବର୍ଷାସାଙ୍ଗକୁ କୁଆପଥର ମାଡ଼ରେ ଅର୍ଥକରୀ ଫସଲ ପ୍ରଭାବିତ ହୋଇଛି। ଯାହାକୁ ନେଇ ଚାଷୀକୂଳ ଚିନ୍ତାରେ ପଡ଼ିଛନ୍ତି। ଏହାଛଡ଼ା ଫଗୁଣ ମାସ ଶେଷ ଓ ଚୈତ୍ର ଆରମ୍ଭରେ ଡାଲି ଜାତୀୟ ଏବଂ ତୈଳବୀଜ ଜାତୀୟ ଶସ୍ୟ ଅମଳର ବେଳ ହୋଇଥିବାରୁ ଅଦିନିଆ ବର୍ଷା ଅମଳକୁ ଅଡୁଆସୃଷ୍ଟି କରିଛି। ଡାଲି ଜାତୀୟ ଶସ୍ୟ ବିରି, କୋଳଥ, ହରଡ଼, ମୁଗ ଓ ତୈଳବୀଜ ଫସଲ ବାଦାମ ଅମଳ ପାଇଁ ଚାଷୀ ତତ୍ପର ହୋଇଛନ୍ତି। ସେହିପରି ଚାଷୀ ବିରି, କୋଳଥ ଆଦି ଡାଲିଜାତୀୟ ଫସଲକୁ ବିଲରୁ ଆଣି ଖଳାରେ ଅମଳ ପାଇଁ ଗଦାକରିଛନ୍ତି। ଆଉ କେତେକ ସ୍ଥାନରେ ଫସଲ ବିଲରେ ପଡି ରହିଥିବା ଲକ୍ଷ୍ୟ କରାଯାଉଛି। ବାଦାମ ଫସଲ ଅଧାଅଧି ଓପଡ଼ାଯାଇଛି। ଅଧିକାଂଶ ସ୍ଥାନରେ ବାଦାମ ଓପଡ଼ା ଯାଇପାରିନାହିଁ। ବିଲରେ ପଡ଼ିଥିବା ବାଦାମ ଓ ଖଳାରେ ଗଦା ହୋଇଥିବା ଡାଲି ଜାତୀୟ ଫସଲ ଗଜା ହୋଇଯିବା ଭଳି ପରିସ୍ଥିତି ଉପୁଜିଲାଣି। ଅତ୍ୟଧିକ ବର୍ଷା ଯୋଗୁ ଚାଷୀ କ୍ଷେତ ଓ ଖଳାକୁ ଯାଇ ପାରୁନାହାନ୍ତି।

ଆୟର ଅଧିକାଂଶ ଭାଗକୁ କ୍ଷେତରେ ଖର୍ଚ୍ଚ କରି ଫସଲ ଅମଳ କରି ଲାଭାବାନ ହେବାକୁ ଲକ୍ଷ୍ୟ ରଖିଥିବା ଚାଷୀଙ୍କୁ ଏବେ ଫସଲ ଅମଳ ଚିନ୍ତା ଘାରିଛି। ଏହାଛଡ଼ା ଖରାଦିନିଆ ପରିବା ଫସଲ ବିଶେଷ ପ୍ରଭାବିତ ହୋଇଛି। ପୋଟଳ କ୍ଷେତରେ ପାଣି ଲହଡ଼ି ମାରୁଛି। ଝୁଡ଼ଙ୍ଗ, ବିଲାତି, କଖାରୁ, କାକୁଡି ଭଳି ଲତା ଜାତୀୟ ଫସଲ ମଞ୍ଜା ଭାଙ୍ଗି ମାଟିରେ ଶୋଇଛି। ବର୍ଷାରେ ଆଳୁ ଓ ସାରୁ ଜାତୀୟ ଫସଲ ମଧ ପ୍ରଭାବିତ ହୋଇଛି। ଅମଳ ହୋଇ ନ ଥିବା ଏହି କସମର ଫସଲକୁ ମାଟି ଖାଇଯିବ। ଲତା ଜାତୀୟ ଫସଲ କଅଁଳିଆ ଡଙ୍କ ଛିଡି ଯିବା ସହ ଫୁଲ କଷି ସବୁ ମାଟିରେ ମିଶିଯାଇଛି। ଓପଡ଼ା ଯାଇ ନ ଥିବା ବାଦମ ମାଟିରେ ପଚିଯିବ। ମାଟି ଭିଜିଯିବା ଫଳରେ କ୍ଷେତରୁ ଅମଳ ହେବା କଷ୍ଟକର ହୋଇପଡିବ। ପାଣିପାଗ ବିଭାଗର ସୂଚନା ମୁତାବକ ଆହୁରି ବର୍ଷା ହେବ ବୋଲି କୁହାଯାଉଛି। ଏହା ଜାଣି ଚାଷୀ ଭୟଭୀତ ହୋଇପଡ଼ିଛନ୍ତି। କହିବାକୁ ଗଲେ ଅଦିନିଆ ବର୍ଷା ଯୋଗୁ ଚାଷୀକୂଳକୁ ଅଧିକ କ୍ଷତି ସହିବାକୁ ପଡ଼ିଛି। ବର୍ଷା ଛାଡ଼ି ଯିବା ପରବର୍ତ୍ତି ସ୍ଥିତିରେ ପନିପରିବା ଦର ଆକାଶ ଛୁଆଁ ହେବ ବୋଲି ଆକଳ କରାଗଲାଣି। ବର୍ଷା ଯେ କେବଳ ଚାଷୀକୂଳକୁ ହତାଶ କରୁଛି ତା' ନୁହେଁ ଏଥିରେ ସାଧାରଣ ଖାଉଟି ବି ପ୍ରଭାବିତ ହେବା ସହ ମହଙ୍ଗା ମାଡ଼ର ଶିକାର ହେବେ ବୋଲି କୁହାଯାଇଛି।

ଏଭଳି ସ୍ଥିତିରେ ଚାଷୀଙ୍କ କ୍ଷତି ଭରଣା ପାଇଁ ସରକାରୀ ସହାୟତା ନ ଥିବା ଜଣାଯାଇଛି। ସରକାର କେବଳ ଚାଷ ପାଇଁ ରିହାତି ଯୋଗାଇ ଦେଉଛନ୍ତି। ହେଲେ ପରିବର୍ତ୍ତିତ ପାଣିପାଗର ଶିକାର ହୋଇ କ୍ଷତିଗ୍ରସ୍ତ ହେଲେ ଚାଷୀଙ୍କ କ୍ଷତି ଭରଣା କରିବାକୁ ସରକାରୀସ୍ତରରେ କୌଣସି ବ୍ୟବସ୍ଥା କରାଯାଉନାହିଁ। ସରକାରଙ୍କ କୃଷିନୀତିକୁ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ନାପସନ୍ଦ କରାଯାଇଛି। ଏଥିସହିତ ଅଦିନିଆ ଝଡ଼ବର୍ଷାରେ ଶିକାର ହେଉଥିବା ଚାଷୀଙ୍କ କ୍ଷତିପୂରଣ ଭରଣା କରାଯିବା ନେଇ ବଜେଟରେ ବ୍ୟୟବରାଦ କରିବା ସହ ତତ୍କାଳ କ୍ଷତି ଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି କ୍ଷତି ଭରଣା କରିବାକୁ ଦାବି ହୋଇଛି। ତେବେ ସରକାର ଏ ଦିଗରେ ଆଗକୁ କି ପଦକ୍ଷେପ ନେଉଛନ୍ତି ତାହା ସମୟ କ୍ରମରେ ସ୍ପଷ୍ଟ ହୋଇଯିବ ବୋଲି ମତପ୍ରକାଶ ପାଇଛି।

### ଅର୍ଥକରୀ ଫସଲ ପ୍ରଭାବିତ, ଚିନ୍ତାରେ ଚାଷୀକୁଳ





ମୁଗ ଫସଲରେ ପାଣି ଜମିରହିଛି।

ବିଞ୍ଝାରପୁର/ପ୍ରୀତିପୁର,୨୦।୩ (ରାମକୃଷ୍ଣ ଦାସ/ସୁଶାନ୍ତ ବେହୁରିଆ):

ଲଗାଣ ବର୍ଷା ଯୋଗୁ ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଶହଶହ ହେକ୍ଟର ଜମିର ମୁଗ, ତରଭୁଜ, ପରିବା ଓ ବାଦାମ ଫସଲ ଉଜୁଡିଯାଇଛି। କୃଷି ବିଭାଗ ସୂଚନା ଅନୁଯାୟୀ, ବ୍ଲକର ବିଭନ୍ନ ପଞ୍ଚାୟତରେ ୮ ହଜାର ୨୦୦ହେକ୍ଟର ଜମିରେ ମୁଗ, ୪୦୦ ହେକ୍ଟର ଜମିରେ ବାଦାମ ଓ ୧୫୦୦ ହେକ୍ଟର ଜମିରେ ତରଭୁଜ ସମେତ ପରିବା ଚାଷ ହୋଇଥିଲା। ହେଲେ କ୍ଷେତରେ ଆଣ୍ଠୁଏ ଲେଖା ପାଣି ଜମିବା ଦ୍ୱାରା ମୁଗ ଗଛଗୁଡିକ ଭୁଶୁଣ୍ଡି ଯିବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। ମୁଗର ପ୍ରଥମ ଛେକ ଫୁଲ ସବୁ ଝଡ଼ିବା ଦ୍ୱାରା ମୁଗ ଛୁଇଁ ମଧ ଗଛରେ ଆଶାନୁରୂପ ହେବନାହିଁ। ସେହିପରି ତରଭୁଜ ସବୁ ପଚି ନଷ୍ଟ ହୋଇଯିବ ବୋଲି ଚାଷୀ ଆଶଙ୍କା କରିଛନ୍ତି। ଚିନାବାଦାମ ଫସଲର ମଧ ବ୍ୟାପକ କ୍ଷତି ହୋଇଛି। ଜମିରେ ପାଣି ଜମିଥିବାରୁ ଚିନାବାଦାମରେ ପୋକ ଲାଗିବା ସହିତ ଗଜା ହେବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। କଲ୍ୟାଣପୁର ଗ୍ରାମର ଚାଷୀ ସର୍ବଶ୍ରୀ ନନ୍ଦକିଶୋର ସାମଲ, କୃଷ୍ଣଚନ୍ଦ୍ର ଯେନା, ମିନା ଯେନା, ଶତ୍ରୁଘନ ଯେନା, ଜଗବନ୍ଧୁ ଯେନା ପ୍ରମୁଖ ପ୍ରାୟ ୫୦ ଏକର ଜମିରେ ମୁଗ ଚାଷକରି ବହୁ ଟଙ୍କା ହାତ ଉଦ୍ଧାର କରିଥିଲେ। କ୍ଷେତରେ ପାଣି ଜମିଯିବା ଦ୍ୱାରା ସେମାନଙ୍କ ଆହାର ମୁହଁରେ ପାହାର ହେଲାଭଳି ଦୁଃଖଦ ଘଟଣା ଘଟିଛି। ସରକାରଙ୍କଠାରୁ ସେମାନେ ମଧ ମାଗଣା ମୁଗବିହନ ପାଇନାହାନ୍ତି। ଯେଉଁମାନଙ୍କୁ ମୁଗ ବିହନ ବଣ୍ଟନ କରାଯାଇଛି ସେମାନେ ଚାଷ ନ କରି ଘରେ ତାକୁ ଖାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଯଦି ସରକାର କ୍ଷତିପୂରଣ ରାଶି ପ୍ରଦାନ କରନ୍ତି ତେବେ ତାହାକୁ ଅଣଚାଷୀ ହାତେଇବା ପାଇଁ ଉଦ୍ୟମ କରିବେ ବୋଲି ଅଭିଯୋଗ ହୋଇଛି। ଅବିଳମ୍ବେ କୃଷି ବିଭାଗ ଅଧିକାରୀ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷେତକୁ ଆସି ତଦନ୍ତକରି କ୍ଷତିଗ୍ରସ୍ତ ମୁଗ, ପରିବା ଓ ବାଦାମ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଚାଷୀନେତା ଭୁବନାନନ୍ଦ ସାମଲ, ସନାତନ ସାହୁ, ରବୀନ୍ଦ୍ର ଯେନା, ଶ୍ରୀକାନ୍ତ ପ୍ରଧାନ, ଧନେଶ୍ୱର ସାମଲ, ସୂର୍ଯ୍ୟମଣି ଦାଶ, ସୁଧୀର ଭୂୟାଁ ଓ ସୀମାନ୍ତ ପାତ୍ର ପ୍ରମୁଖ ଦାବି କରିଛନ୍ତି।

## ଫସଲ ଉଜାଡ଼ିଲା ଅଦିନିଆ ବର୍ଷା



ବର୍ଷାରେ ନଷ୍ଟ ହୋଇଯାଇଥିବା ବାଦାମ ଫସଲ।

ବରୀ,୨୦।୩(ମହେନ୍ଦ୍ର ସ୍ୱାଇଁ):

୩ ଦିନ ଧରି ଲାଗିରହିଥିବା କାଳବୈଶାଖୀ ଓ ଅଦିନିଆ ବର୍ଷା ଯୋଗୁ ବରୀ ବ୍ଲକ୍ ଅଞ୍ଚଳରେ ବ୍ୟାପକ ଫସଲ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। ବ୍ଲକର ଭଅଁରା, ରତଲାଙ୍ଗ, ଉଦୟନାଥପୁର, ଅରଙ୍ଗାବାଦ, ବାଲିବିଲ, ଅନ୍ୟାସୀପୁର, କଳାମାଟିଆ, ଗମ୍ଭୁଁ, ମହାକାଳପଡ଼ା, ଧାରପୁର ଓ ସ୍ୱାଇଁଖଣ୍ଡର ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ଚିନାବାଦାମ, ମୁଗ, ପୋଟଳ, କଲରା, ଝୁଡ଼ଙ୍ଗ ଓ କାକୁଡ଼ି ଆଦି ଫସଲ ବର୍ଷା ପାଣିରେ ବୁଡ଼ିଯାଇଛି। ତେଣୁ ଫସଲ କ୍ଷୟକ୍ଷତି ଆକଳନ କରି ସରକାରଙ୍କ ତରଫରୁ କ୍ଷତିପୂରଣ ପ୍ରଦାନ କରିବାକୁ ସରପଞ୍ଚ ପ୍ରଭାତୀ ପଲେଇ, ସବିତା ସାମଲ, ଜଗଦୀଶ ଜେନା, କୁନା ମଲ୍ଲିକ, ଶଙ୍କର୍ଷଣ ସ୍ୱାଇଁ, ରଶ୍ମିତା ପରିଡ଼ା, ସୋନାଲି ସିଂହ, ମଧୁସ୍ମିତା ସାମଲ ଓ ପ୍ରଜ୍ଞାପରାମିତା ପରିଡ଼ା ପ୍ରମୁଖ ଚାଷୀ ଦାବି କରିଛନ୍ତି।

## ବ୍ରହ୍ମବରଦା ଥାନା ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ



ସିଆର୍‌ପିଏଫ୍ ଯବାନ ଓ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରୁଛନ୍ତି।

ବ୍ରହ୍ମବରଦା,୨୦।୩ (ଯଯାତି କେଶରୀ ବେହେରା):

ବ୍ରହ୍ମବରଦା ଥାନା ପକ୍ଷରୁ ସିଆର୍‌ପିଏଫ୍ ଯବାନମାନଙ୍କୁ ନେଇ ଫ୍ଲାଗମାର୍ଚ୍ଚ କରାଯାଇଛି। ୨୦୨୪ ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହେବାପରେ ନିରପେକ୍ଷ ଓ ହିଂସାମୁକ୍ତ ନିର୍ବାଚନ ପାଇଁ ଯବାନମାନେ ସଜାଗ ରହିଛନ୍ତି ବୋଲି ସାଧାରଣ ଜନତାଙ୍କୁ ଜଣାଇବାକୁ ଏହି ପଦକ୍ଷେପ ନିଆଯାଇଛି। ଥାନା ଆଇଆଇସି ଦେବାଶିଷ ଶତପଥୀଙ୍କ ତତ୍ତ୍ୱାବଧାନରେ ବ୍ରହ୍ମବରଦାଠାରୁ ମହେଶ୍ୱରପୁର, ସାମନ୍ତରାପୁର, ଅର୍ଥଂଗା, ମଙ୍ଗରାଜପୁର ଓ ରାଉତରାପୁର ପଞ୍ଚାୟତ ପର୍ଯ୍ୟନ୍ତ ଫ୍ଲାଗ ମାର୍ଚ୍ଚ କରାଯାଇଛି।

## ହତ୍ୟାକାରୀଙ୍କୁ ୭ ବର୍ଷ ଜେଲଦଣ୍ଡ

କେନ୍ଦୁଝର,୨୦।୩(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଦୌରାଜଜ ଅଶୋକ କୁମାର ପଣ୍ଡା ଏକ ହତ୍ୟା ମାମଲାର ବିଚାର କରି ସମରା ମୁଣ୍ଡାଙ୍କୁ ଦୋଷୀ ସାବସ୍ତ୍ୟ କରି ୭ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ମୃତକଙ୍କ ପରିବାରକୁ ଅନୁକମ୍ପା ରାଶି ଦେବାକୁ ଆଦେଶ ଦେଇଛନ୍ତି। ମାମଲା ବିବରଣୀ ଅନୁଯାୟୀ, ସଦର ଥାନା ଅଞ୍ଚଳର ବରଦାପାଳଠାରେ ରହୁଥିବା ସମରା ଏବଂ ସୁନିଆଁ ମୁଣ୍ଡାଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ୪ ଅଗଷ୍ଟ ୨୦୧୮ରେ ସମରାଙ୍କ ଘର ବାଟ ଦେଇ ସୁନିଆଁ ଯାଉଥିବା ବେଳେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଉତ୍ୟକ୍ତ ହୋଇ ସୁନିଆଁ ମୁଣ୍ଡାକୁ ସମର ଜୋରରେ ମୁଥ ମାରି ଦେବାରୁ ସେ ତଳେ ପଡ଼ିଯାଇଥିଲେ। ପରେ ତାଙ୍କୁ ପଥରରେ ଛେଚି ଦେବାରୁ ସେ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମାମଲାରେ ୧୦ ଜଣ ସାକ୍ଷୀ ଓ ପୋଲିସ ତଦନ୍ତକୁ ଭିତ୍ତି କରି ଜଜ ଉକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ପ୍ରଦୀପ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।

## ଯୌତୁକ ଦାବିରେ ମହିଳାଙ୍କୁ ହତ୍ୟା ଉଦ୍ୟମ

ଗୋପବନ୍ଧୁ ନଗର,୨୦।୩ (ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତର ଖଡିକାପଦା ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ଶାଶୁ ଘର ଲୋକେ ଯୌତୁକ ଦାବିରେ ଦେହରେ ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଥିବା ନେଇ ଖୁଣ୍ଟା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଉଦଳା ଅଞ୍ଚଳର ରବିନ୍ଦ୍ର ମୁଖୀଙ୍କ ଝିଅ ସବିତାଙ୍କୁ ଖୁଣ୍ଟା ଥାନା ଅନ୍ତର୍ଗତ ଖଡିକାପଦା ଗ୍ରାମର ପ୍ରଦୀପ ମୁଖୀ ବର୍ଷେ ତଳେ ବିବାହ କରିଥିଲେ। ବିବାହ ସମୟରେ ବର ପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆ ଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବି କରିଥିଲେ ଶାଶୁ ଘର ଲୋକେ। ସବିତାଙ୍କ ବାପ ଘର ଆର୍ଥିକ ପରିସ୍ଥିତି ଭଲ ନ ଥିବାରୁ ଅଧିକ ଯୌତୁକ ଦେଇ ପାରି ନ ଥିଲେ। ଫଳରେ ସବିତାଙ୍କୁ ବିଭିନ୍ନ ସମୟରେ ମାନସିକ ଓ ଶାରୀରିକ ନିର୍ଯାତନା ଦିଆ ଯାଉଥିଲା ବୋଲି ବାପ ଘର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଶାଶୁଘର ଲୋକେ ଯୋଜନା ମୁତାବକ ସବିତାଙ୍କ ଦେହରେ ଗତ ୧୧ ତାରିଖରେ ନିଆଁ ଲଗାଇ ଦେଇଥିବା ତାଙ୍କ ମା' ସରସ୍ୱତୀ ଥାନାରେ ଅଭିଯୋଗ କରିଛନ୍ତି। ସବିତାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ପ୍ରଥମେ ଉଦଳା ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ. ୧୦୦/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

## ଶ୍ରୀଶ୍ୟାମ ବାବାଙ୍କ ଫଲ୍‌ଗୁନ ଏକାଦଶୀ ଉତ୍ସବ

ଯାଜପୁରରୋଡ୍,୨୦।୩ (ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ୍ ମାରୁୱାଡି ଯୁବା ମଞ୍ଚ ପକ୍ଷରୁ ଶ୍ରୀଶ୍ୟାମ ବାବାଙ୍କ ଫଲ୍‌ଗୁନ ଏକାଦଶୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସହରର ଗୋପବନ୍ଧୁ ଛକ ନିକଟ ଲକ୍ଷ୍ମୀନାରାୟଣ ମାରୱାଡି ମନ୍ଦିର ପରିସରେ ଥିବା ଶ୍ୟାମ ବାବାଙ୍କ ମନ୍ଦିରକୁ ଫୁଲ ଓ ଆଲୋକ ମାଳା ଦ୍ୱାରା ସୁନ୍ଦର ସଜାଯାଇ ପୂଜାର୍ଚ୍ଚନା ଏବଂ ହୋମ ଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ କୋଲକାତାରୁ ଆସିଥିବା ଭଜନ ମଣ୍ଡଳୀ ଦ୍ୱାରା ହିନ୍ଦୀ ଭଜନ ପରିବେଷଣ କରାଯାଇଥିଲା। ଉତ୍ସବରେ ସହରର ସମସ୍ତ ମାରୱାଡି ପରିବାରର ମହିଳା ପୁରୁଷ, ଯୁବତୀଯୁବକ ଓ ପିଲାମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ।



ଶ୍ରୀଶ୍ୟାମ ବାବାଙ୍କ ଫଲ୍‌ଗୁନ ଏକାଦଶୀ ଉତ୍ସବରେ ଉପସ୍ଥିତ ଶ୍ରଦ୍ଧାଳୁ।

## ଅଷ୍ଟପ୍ରହର ନାମ ସଂକୀର୍ତ୍ତନ



ନଗରଯାତ୍ରା ଅଞ୍ଚଳ ପରିକ୍ରମା କରୁଛି।

ଚଣ୍ଡିଖୋଲ,୨୦।୩(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଖୋସାଲିପୁର ଗ୍ରାମରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ବ୍ୟାପୀ ଚାଲିଥିବା ଅଷ୍ଟପ୍ରହରରେ ମୁକ୍ତିକାନ୍ତ ଜେନା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ଧାନମଣ୍ଡଳ, ଭଟିମୁଣ୍ଡା, ସୁଙ୍ଗୁଡ଼ା, କଣ୍ଟିଗଡ଼ିଆ, ମଙ୍ଗରାଜପୁର ଓ ସିଦ୍ଧିପୁର କୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ନଗରଯାତ୍ରା ଗ୍ରାମ ସହ ଚଣ୍ଡିଖୋଲ ଛକ ପରିଭ୍ରମଣ କରିଥିଲା। ମୃତ୍ୟୁଞ୍ଜୟ ଜେନା, ପ୍ରଦୀପ୍ତ ଜେନା, ପ୍ରମୋଦ ଜେନା, ଦେବଦତ୍ତ ଜେନା, ମନ୍ମଥ ଜେନା, ଶରତ ସାହୁ, ପ୍ରସନ୍ନ ଜେନା, ବିଶ୍ୱଜିତ ଜେନା, ମନୋରଞ୍ଜନ ଜେନା, ଅବିନାଶ ଜେନା, ମହେନ୍ଦ୍ର ଜେନା, ପ୍ରସନ୍ନଜିତ ଜେନା, ଚନ୍ଦ୍ରଶେଖର ଜେନା, ସିମନ ସାହୁ, ପବିତ୍ର ଜେନା, ଦିଲୀପ ଜେନା ଓ ସମୀର ଜେନା ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

## ଦୋଷୀଙ୍କୁ ୨୦ବର୍ଷ ଜେଲ

### ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ମାମଲା

ବାରିପଦା,୨୦।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜଙ୍କ କୋର୍ଟରେ ବୁଧବାର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାରିପଦା ସଦର ଥାନା ଅଧୀନ କୁଣ୍ଡଳବଣି ଗ୍ରାମର ମହାଦେବ ସିଂ(୪୦)।

ମାମଲାର ବିବରଣୀ ଅନୁଯାୟୀ, ୨୦୧୯ ଜୁନ ୨୬ରେ ଦିବ୍ୟାଙ୍ଗ ଯୁବତୀ ଜଣକ ଘରେ ଏକୁଟିଆ ଥିବା ସୁଯୋଗ ନେଇ ମହାଦେବ ତାଙ୍କୁ ଜୋର ଜବରଦସ୍ତ ଟେକି ନେଇ ବଳାତ୍କାର କରିଥିଲେ। ଏନେଇ ଗ୍ରାମରେ ଏକ ବୈଠକ ବସିଥିଲେ ମଧ କୌଣସି ସମାଧାନ ନ ହେବାରୁ ଯୁବତୀଙ୍କ ପରିବାର ଲୋକେ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୬୧/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଉକ୍ତ ମାମଲାକୁ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

# କାଗଜପତ୍ରରେ ଚାଲିଛି କେନାଲ ଜଳସେଚନ

କେନ୍ଦ୍ରାପଡ଼ା,୨୦।୩ (ଜଗନ୍ନାଥ ଧଳ)


ଜମ୍ବୁ-ମାର୍ଶାଘାଇ କେନାଲରେ ଦଳ ଭର୍ତ୍ତି ହୋଇଛି।

କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ ନାହିଁ । କୃଷିକୁ ୬୯ ପ୍ରତିଶତ ପରିବାର ଜୀବିକା କରିଛନ୍ତି। ତେବେ ଏହି ଜିଲାରେ କେନାଲ ଜଳସେଚିତ ଅଞ୍ଚଳ ଭାବେ ଯାହା କାଗଜପତ୍ରରେ ଦେଖାଯାଉଛି, ତାହା ବାସ୍ତବିକ ସତ୍ୟ ନୁହେଁ ବୋଲି ରାଜସ୍ୱ ବୈଠକରେ ବହୁବାର ଆଲୋଚନା ହେଉଛି। ଚିହ୍ନଟ ଜମିର ଜଳ କର ମିଳୁ ନ ଥିବା ବେଳେ ପ୍ରଶାସନିକସ୍ତରରେ ଏଥିପାଇଁ ସମନ୍ୱୟ କମିଟି ବୈଠକ ବସିବା ସମ୍ଭବ ହେଉନାହିଁ। ପୂର୍ବତନ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ଏନେଇ ବିଭିନ୍ନ ବିଭାଗକୁ ସୂଚନା ଅଧିକାର ଆଇନରେ ତଥ୍ୟ ମଗା ଯାଇଥିଲା । ରାଜସ୍ୱ ବିଭାଗ ତଥ୍ୟ ଅନୁଯାୟୀ, ଜିଲାର ମୋଟ ୮୫,୯୨୦ ଏକର ଜମି ପାଇଁ ଜଳ କର ଧାର୍ଯ୍ୟ ହୋଇଛି । ଅପରପକ୍ଷେ କୃଷି ବିଭାଗ, ଜଳ ସମ୍ପଦ ବିଭାଗ ଓ ଉଠା ଜଳସେଚନ ବିଭାଗ ତଥ୍ୟ ଅନୁଯାୟୀ, କେନାଲ ମାଧ୍ୟମରେ ୪୬,୭୨୭ ହେକ୍ଟର ଅର୍ଥାତ୍ ୧୧୫୪୪୫ ଏକର ଜମିକୁ ଜଳ ଯୋଗାଣ ହେଉଛି । ଯାହା ରାଜସ୍ୱ ବିଭାଗ ତଥ୍ୟଠାରୁ ୨୯୫୪୫ ଏକର ଅଧିକ । ଜିଲାର ଆଳି, ରାଜନଗର, ରାଜକନିକା ବ୍ଲକ ଅଞ୍ଚଳରେ କେନାଲ ନାହିଁ । ଡେରାବିଶ ତହସିଲ ଅଞ୍ଚଳରେ କୃଷି ବିଭାଗ ୨୬୬୯୦ ଏକର ଜମିରେ ପାଣି ମାଡୁଥିବା ଦର୍ଶା ଯାଇଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ୨୪,୨୩୧ ଏକର ଜମି ପାଇଁ କର ଧାର୍ଯ୍ୟ ହୋଇଛି । ସେହିପରି ଗରଦପୁର ତହସିଲ ଅଞ୍ଚଳରେ କୃଷି ବିଭାଗର ୨୫୯୨ ଏକରରୁ ରାଜସ୍ୱ ବିଭାଗ ୨୦୯୪ ଏକର, କେନ୍ଦ୍ରାପଡ଼ାରେ ୩୩୪୮୫ ଏକରରୁ ୩୦୦୮୪ ଏକର, ମାର୍ଶାଘାଇରେ ୧୧୦୩୦ ଏକରରୁ ୮୦୫୦ ଏକର, ମହାକାଳପଡ଼ାରେ ୭୪୩୦ ଏକରରୁ ୫୪୧୯ ଏକର ଓ ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ ୨୭୩୬୨ ଏକରରୁ ୧୬୦୮୭ ଏକର ଜମିରେ ଜଳକର ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏସମ୍ପର୍କରେ ଆଇନଜୀବୀ ସରୋଜରାଜ ସିଂହ କହିଛନ୍ତି, ଜିଲାପାଳଙ୍କ

- ମିଳୁନି ରାଜସ୍ୱ, ବସୁନି ସମନ୍ୱୟ କମିଟି
- ଦ୍ରୁତ ଜନସଂଖ୍ୟା ବୃଦ୍ଧି ପାଇଁ ଚାଷ ଜମିର କିସମ ପରିବର୍ତ୍ତନ
- ୨୫ ବର୍ଷରେ ଇଞ୍ଚ ଜମିର କେନାଲ ଖନନ ହୋଇନି

ଅଧ୍ୟକ୍ଷତାରେ ରାଜସ୍ୱ, ଜଳସମ୍ପଦ, ଉଠାଜଳସେଚନ, କୃଷି ବିଭାଗୀୟ ଅଧିକାରୀଙ୍କ ଏକ ସମନ୍ୱୟ କମିଟି ବୈଠକ ବସିବା ପାଇଁ ନିୟମ ହୋଇଛି । କମିଟିର ଏହି ବୈଠକରେ ଜଳସେଚିତ ଜମିର ଆକଳନ ସହ ଅର୍ଥକାରୀ ଫସଲ ଉତ୍ପାଦନ ସମ୍ପର୍କରେ ଯୋଜନା ପ୍ରସ୍ତୁତ ହୋଇଥାଏ । ଫଳରେ ଜିଲାର କୃଷିନୀତି ସଫଳ ହେବା ସହ ରାଜସ୍ୱ ଆଦାୟ ପଥ ସୁଗମ ହୁଏ । ତେବେ ଗତ ୧୦ ବର୍ଷ ମଧ୍ୟରେ ଏପରି ସମନ୍ୱୟ ବୈଠକ ବସିଥିବା ଜଣା ପଡିନାହିଁ । ଫଳରେ ରାଜସ୍ୱ ଆଦାୟ ବାଧାପ୍ରାପ୍ତ ସହ ପ୍ରକୃତ ଜଳସେଚନ ଜମିର ଆକଳନ ହୋଇପାରୁନାହିଁ। ଏହା ବ୍ୟତୀତ ପ୍ରତିବର୍ଷ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ଜଳସେଚିତ ଚାଷ ଜମିକୁ ଘରବାଡ଼ି କିସମକୁ ପରିବର୍ତ୍ତନ କରାଯାଉଛି । ଏହି କିସମ ପରିବର୍ତ୍ତନ ଜିଲା ପାଇଁ ଏକ ସମସ୍ୟା ଆଣିଛି । ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ଚାଷ ଜମିର କିସମ ପରିବର୍ତ୍ତନ ପାଇଁ ତହସିଲଗୁଡିକରେ ଆବେଦନ ପତ୍ର ପଡ଼ି ରହିଥିବା ସେ ଦର୍ଶାଇଛନ୍ତି । ବୁଦ୍ଧିଜୀବୀ ଚିତ୍ତରଞ୍ଜନ ଦାସ କୁହନ୍ତି, ରାଜ୍ୟ ସରକାର ପ୍ରତି ବ୍ଲକ ଅଞ୍ଚଳର ଚାଷ ଜମି ମଧ୍ୟରୁ ଅନ୍ୟୂନ୍ୟ ୩୫ ପ୍ରତିଶତ ଜମିକୁ ଜଳସେଚନ ପାଇଁ ଘୋଷଣା କରିଛନ୍ତି । ତେବେ ଜିଲାରେ ଗତ ୨୫ ବର୍ଷ ମଧ୍ୟରେ ଗୋଟିଏ ଇଞ୍ଚ କେନାଲ ଖୋଳା ଯାଇନାହିଁ । ଜିଲାର ବହୁ କେନାଲ ପୋତି ହୋଇ ପଡିବାରୁ ଖେଳ ପଡ଼ିଆରେ ପରିଣତ ହୋଇଛି । ଉନ୍ନତିକରଣ ନାମରେ ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ କେନାଲର ଶେଷ ମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ । ଏପରି କି କେନାଲ ନିକଟସ୍ଥ ଜମି ଜଳସେଚିତ ନ ହେବାରୁ ଜଳକର ନ ଦେବା ପାଇଁ ଆନ୍ଦୋଳନ ହେଉଛି । ତୁରନ୍ତ ଏଥିପ୍ରତି ଜିଲାପାଳ, ଆରଡିସି ଓ ଜଳ ସମ୍ପଦ ବିଭାଗ ନଜର ଦେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି । ଏସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲ କହିଛନ୍ତି ଯେ, ନୂତନ କେନାଲ ଖନନ ସମୟରେ ରାଜସ୍ୱ ବିଭାଗ ସହିତ ଜଳସମ୍ପଦ ବିଭାଗ ଓ ଅନ୍ୟାନ୍ୟ ବିଭାଗର ସମନ୍ୱୟ କମିଟି ବସିଥାଏ । ଏଥିରେ ଜଳସେଚନ ଯୋଗ୍ୟ କ୍ଷେତ୍ରଫଳ ହିସାବକୁ ନିଆଯାଇଥାଏ । ଜିଲାରେ ଜଳକର ଆଦାୟ ହେଉଥିବା ଜମିର ପୁନଃସମୀକ୍ଷା ହେଲେ ରାଜସ୍ୱ ବଢ଼ିବା ସହିତ କୃଷି ନୀତି ସଫଳ ହେବ ବୋଲି ସେ ମତ ଦେଇଛନ୍ତି।

## ଗଭୀର ସମୁଦ୍ରରେ ଆତଙ୍କବାଦୀଙ୍କୁ ଚିହ୍ନଟ ପାଇଁ ପ୍ରୟାସ


ଜମ୍ବୁ ସାମୁଦ୍ରିକ ଥାନା ପକ୍ଷରୁ ମକ୍‌ଡ୍ରିଲ କରାଯାଉଛି ।

ମହାକାଳପଡ଼ା,୨୦।୩(ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ପାଟ୍ରୋଲିଂରେ ସାମିଲ ହେଲେ ଜମ୍ବୁ ସାମୁଦ୍ରିକ ଥାନା ଟିମ୍**

ଗଭୀର ସମୁଦ୍ରରେ ଦିନକୁ ଦିନ ବେଆଇନ ଭାବେ ପ୍ରବେଶ କରୁଥିବା ଆତଙ୍କବାଦୀମାନଙ୍କ ଆକ୍ରମଣକୁ ପଣ୍ଡ କରିବା ପାଇଁ ବୁଧବାରଠାରୁ ସାମୁଦ୍ରିକ ସମରାଭ୍ୟାସ ଆରମ୍ଭ ହୋଇଛି । ଏହା ୨ ଦିନ ଚାଲିବ । ଏହି ଅବସରରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ୨ଟି ପାଟ୍ରୋଲିଂ ଟିମ୍ ଗଠନ କରାଯାଇ ଖରିନାସୀ ମତ୍ସ୍ୟ ଜେଟିଠାରୁ ମିଶନ ଆରମ୍ଭ କରିଥିଲେ। ପରେ ହୁକିଟୋଲା, ମାଦଳି ମୁହାଁଣ ଦେଇ ଗଭୀର ସମୁଦ୍ରରେ ସମରାଭ୍ୟାସ କରିଥିଲେ। ପରେ ମହାନଦୀ ମୁହାଁଣ ପ୍ରବେଶ ପଥ ଦେଇ ବାହାକୁଦ ପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଡେମୋ ପ୍ରଦର୍ଶନ କରିଥିଲେ। ଏହି ସମରାଭ୍ୟାସ ପୋଲିସ ଓ ନ୍ୟାଭି ଷ୍ଟାଫ୍ ଉପସ୍ଥିତ ଥିଲେ।

## ଗାଁରେ ଡାକ କର୍ମଶାଳା


ଗ୍ରାମୀଣ ଡାକ କର୍ମଶାଳାରେ ଯୋଗଦେଇଥିବା ଅତିଥି।

ମହାକାଳପଡ଼ା,୨୦।୩(ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ବିଭିନ୍ନ ଡାକ ଯୋଜନା ସଂକ୍ରାନ୍ତରେ ସଚେତନତା**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବାରଡାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଡାକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବୁଧବାର ଆୟୋଜିତ ଏହି କର୍ମଶାଳାରେ କେନ୍ଦ୍ରାପଡ଼ା ଉତ୍ତର ଡାକ ମଣ୍ଡଳ ଅଧୀକ୍ଷକ ଦେବରାଜ ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗ୍ରାମାଞ୍ଚଳରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଥିଲେ। ଗ୍ରାମାଞ୍ଚଳରେ ସୁକନ୍ୟା ସମୃଦ୍ଧି ଯୋଜନା, ମହିଳା ସମ୍ମାନ ଡାକ ସଞ୍ଚୟ ଖାତା ଯୋଜନା , ଗ୍ରାମୀଣ ଡାକ ମାସିକ ସଞ୍ଚୟ ଯୋଜନା , ଗ୍ରାମୀଣ ଡାକ ଜୀବନ ବୀମା ଯୋଜନା , ଦୈନିକ ଡାକ ସଞ୍ଚୟ ଖାତା , ଏକ ବର୍ଷିୟା , ଦୁଇ ଓ ପାଞ୍ଚ ବର୍ଷ ଫିକ୍ସ ଜମା ଓ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ସମେତ ବିଭିନ୍ନ ଜୀବନ ବୀମା ଗ୍ରାମୀଣ ଡାକ ଘରେ ଉପଲବ୍ଧ ହୋଇ ପାରିଛି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଗ୍ରାମୀଣ ଡାକ ଯୋଜନା କିପରି ଘରେ ଘରେ ପହଞ୍ଚିବ ବୋଲି ସମସ୍ତଙ୍କୁ ସଚେତନ କରାଇଥିଲେ। ଏହି ଡାକ ଯୋଜନା ଗ୍ରାମାଞ୍ଚଳରେ ଉପଲବ୍ଧ ହେବା ଦ୍ୱାରା ଗରିବ, ଖଟିଖିଆ, କୃଷକ, ମୂଲିଆ,ଆଦିବାସୀ, ଅନୁସୂଚିତ ଜାତି ଓ ଜନଜାତି ବର୍ଗ ଓ ସାଧାରଣ ଲୋକମାନେ ଲାଭ ଉଠାଉଛନ୍ତି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଡାକ ବିଭାଗର ବରିଷ୍ଠ ଅଧିକାରୀ ଉପ ଅଧୀକ୍ଷକ ବିଜୟ ପ୍ରଧାନ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ପରିଚାଳକ ଦୁର୍ଗା ପ୍ରସାଦ ମାଧବ ପରିଡ଼ା , ସେକ୍ ମନୁଆର , ସେକ୍ ସାନୁଆର ପ୍ରମୁଖ ଉପସ୍ଥିତ ଥିଲେ । ସ୍ଥାନୀୟ ନନ୍ଦାର ଓ ବାରଡାଙ୍ଗ ଗ୍ରାମୀଣ ଶାଖା ଡାକ ସେବକ ପ୍ରଭାତ ବେହେରା, ଅମିୟ ରଞ୍ଜନ ଜେନା ଓ ଶ୍ୟାମ ସୁନ୍ଦର ଦାସ ପ୍ରମୁଖ କର୍ମଶାଳାକୁ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ବ୍ଲକ ଅଞ୍ଚଳର ୧୭ ଗ୍ରାମୀଣ ଡାକ ସେବକ ଓ ଡାକ ହିତାଧିକାରୀମାନେ ଉପସ୍ଥିତ ଥିଲେ।

## ପେଣ୍ଠ ବେଳାଭୂମିରେ ତଣ୍ଡାଯଜ୍ଞ ଆରମ୍ଭ

ରାଜନଗର,୨୦।୩(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବଙ୍ଗୋପସାଗର ବେଳାଭୂମିରେ ୭୫ତମ ତଣ୍ଡାଯଜ୍ଞ ଆରମ୍ଭ ହୋଇଛି। ସନାତନ ଧର୍ମର ଅନ୍ୟତମ ପରିବ୍ରାଜକ ବ୍ରହ୍ମାବଧୂତ ସିଦ୍ଧ ବାମନ ଚନ୍ଦ୍ର ବାବାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଯଜ୍ଞ ଚଳିତବର୍ଷ ମହାସମାରୋହରେ ପାଳିତ ହେଉଛି। ବ୍ରହ୍ମାବଧୂତ ଅଭୟ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ଦିନ ବ୍ୟାପୀ ଅଲେଖ ଅଖଣ୍ଡ ବ୍ରହ୍ମଧୂନୀ ଚାଲିଛି। ଅଖଣ୍ଡ ବ୍ରହ୍ମଧୂନୀ ଯଜ୍ଞ ଆରମ୍ଭରେ ବ୍ରହ୍ମଧୂନୀ ସ୍ଥାପନ, ଭଜନ, ଜଣାଣ ଓ ପ୍ରାର୍ଥନା, ଘୃତ୍ୟାହୂତି, ପ୍ରବଚନ ସଭା, ବାଲ୍ୟଲୀଳା, ବେଢା ପରିକ୍ରମା ସହିତ ୨୪ତାରିଖ ରବିବାର ପ୍ରାତଃ ୫ ଘଟିକାରେ ଯଜ୍ଞର ପୂର୍ଣ୍ଣାହୂତି କରାଯିବ। ଏହି ଯଜ୍ଞରେ ବ୍ରହ୍ମାବଧୂତ ମନ୍ଦରଧର ବାବା, ନିତ୍ୟାନନ୍ଦ ବାବା, ନଟବର ବାବା, ଗଦାଧର ବାବା, ସୁଜନ ବାବା, ଚିତ୍ତରଞ୍ଜନ ବାବା, ବାବୁଲି ବାବା, ରବିନ୍ଦ୍ର ବାବା, ସୁବ୍ରତ ବାବା, ସୁଶାନ୍ତ ବାବା, ଦୁଷ୍ମନ୍ତ ବାବା, ସନ୍ୟାସୀ ବାବା, ଭରତ ବାବା ଏବଂ ସାଧୁ ଦୁର୍ଲ୍ଲଭ ଦାସ, କାର୍ତ୍ତିକ ଦାସ, ଅନ୍ତର୍ଯ୍ୟାମୀ ଦାସ, ରବି ଦାସ, ଦିବାକର ଦାସ, କଳ୍ପତରୁ ଦାସ, ଧନେଶ୍ୱର ଦାସ, ସୁକାନ୍ତ ଦାସ, କାହ୍ନୁ ଦାସ, ସୁମନ୍ତ ଦାସ, ଅଶୋକ ଦାସ, ରତ୍ନାକର ଦାସ, ଅଭୟ ଦାସ, ପ୍ରଦୀପ ବୈରାଗୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତିଦିନ ହାତିନା, ଖଣ୍ଡାମରା, ଏଣ୍ଡୁଳାପୁର, ପ୍ରସନ୍ନପୁର, ପେଣ୍ଠ, ଗଜରାଜପୁର, ବ୍ରାହ୍ମଣୀସାହି, ବଡନାଉକୋଣା, ଜୟପୁର, ବିନ୍ଧାନାଉକୋଣା, ଗୋବର୍ଦ୍ଧନପୁର, ଓଲସାହି, ପ୍ରହରାଜପୁର, ସୁନ୍ଦରୀପାଳ, ବନ୍ଧପୁର ଏବଂ ଭେଡିସାହି ଗ୍ରାମବାସୀଙ୍କ ସହଯୋଗରେ ଏହି ଧାର୍ମିକ ଯଜ୍ଞାନୁଷ୍ଠାନ ଅନୁଷ୍ଠିତ ହେଉଛି।

ସୂଚନାଯୋଗ୍ୟ ୭୫ବର୍ଷ ତଳେ ବନ୍ୟା, ବାତ୍ୟା, ସୁନାମୀ, ଅନାବୃଷ୍ଟି, ଶସ୍ୟହାନୀ ଆଦି ପ୍ରାକୃତିକ ବିପର୍ଯ୍ୟୟରୁ ରାଜନଗର ଅଞ୍ଚଳକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଦରିଆ ଦେବତାଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଏହି ଅଖଣ୍ଡ ବ୍ରହ୍ମଧୂନୀ ଯଜ୍ଞ ଆରମ୍ଭ କରାଯାଇଥିଲା। କମିଟିର ସଭାପତି ରବିନ୍ଦ୍ର କୁମାର ପଢିହାରୀ, ଉପସଭାପତି ନିମାଇଁ ଚରଣ ବେହେରା, ସମ୍ପାଦକ କ୍ଷୀରୋଦ କୁମାର ରାଉତ, ସହ ସମ୍ପାଦକ ରବିନ୍ଦ୍ର କୁମାର ବେହେରା, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତ ପ୍ରମୁଖଙ୍କ ସମେତ ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ତାଳଚୁଆ ଥାନା ପକ୍ଷରୁ ମିଳିତ ସମରାଭ୍ୟାସ



ସମରଭ୍ୟାସରେ ସାମିଲ ହୋଇଥିବା ସୁରକ୍ଷା କର୍ମୀ।

ରାଜନଗର,୨୦।୩(ଭାସ୍କର ରାଉତରାୟ)

ତଟରକ୍ଷୀ ବାହିନୀ, ମତ୍ସ୍ୟ ବିଭାଗ ଏବଂ ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ମିଳିତ ଭାବେ ଦୁଇ ଦିନିଆ ସମରାଭ୍ୟାସ ଆରମ୍ଭ ହୋଇଛି। ବଙ୍ଗୋପସାଗର ତଟବର୍ତ୍ତୀ ଅଞ୍ଚଳ ଏବଂ ତାଳଚୁଆ ସାମୁଦ୍ରିକ ଥାନା ପାର୍ଶ୍ୱରେ ଥିବା ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତାର ମିଳନସ୍ଥଳୀ ସହିତ ତାଳଚୁଆ ଜେଟି, ତାଳଚୁଆ ଫେରିଘାଟ, ନଳିତାପାଟିଆ ଘାଟ, ସୁବର୍ଣ୍ଣପୁର ଘାଟ, ଜ୍ୟୋତିପ୍ରସାଦ ଘାଟ, ପ୍ରଭାତୀ ଏବଂ ହାତିଆଗଣ୍ଡ ଘାଟ ଆଦି ସ୍ଥାନରେ ଏହି ସମରାଭ୍ୟାସ ଆରମ୍ଭ ହୋଇଛି। ସମୁଦ୍ର ଏବଂ ନଦୀ ଦେଇ ବିଭିନ୍ନ ସମୟରେ ଅନୁପ୍ରବେଶକାରୀ, ବିଭିନ୍ନ ମାଦକଦ୍ରବ୍ୟ ଓ ଚୋରା ଚାଲାଣକୁ ରୋକିବା ପାଇଁ ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ମିଳିତ ସମରାଭ୍ୟାସ କରାଯାଇଛି। ବୁଧବାର ପ୍ରତ୍ୟୁଷରୁ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା ଏବଂ ସାମୁଦ୍ରିକ ଥାନା ଅଧିକାରିଣୀ ସସ୍ମିତା ସାହୁଙ୍କ ନେତୃତ୍ୱରେ ୩ଜଣ ପଦାଧିକାରୀଙ୍କ ସହିତ ୫ଜଣ ମାରାଇନ, ୮ଜଣ ପୋଲିସ ଏବଂ ୬ଜଣ ମତ୍ସ୍ୟବିଭାଗ କର୍ମଚାରୀଙ୍କ ସହିତ ପୋଲିସ ଫୋର୍ସ ଏହି ସମରାଭ୍ୟାସରେ ସାମିଲ ହୋଇଛନ୍ତି । ଏହି ସମରାଭ୍ୟାସ ସମୟରେ ତାଳଚୁଆ ଜେଟି, ତାଳଚୁଆ ଫେରିଘାଟରେ ବୋଟ୍‌ରେ ଯିବା ଆସିବା କରୁଥିବା ଯାତ୍ରୀମାନଙ୍କ ବ୍ୟବହୃତ ଗାଡି, ବ୍ୟାଗ୍ ଓ ଅନ୍ୟାନ୍ୟ ସାମଗ୍ରୀକୁ ଯାଞ୍ଚ କରାଯାଉଛି। ସନ୍ଧ୍ୟାରେ ଏହି ଟିମ୍ ଧାମରାଠାରୁ ବରୁଣେଇ ପର୍ଯ୍ୟନ୍ତ ସମୁଦ୍ର ତଟରେ ସମରାଭ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସମରାଭ୍ୟାସ ୨ଦିନ ଧରି ଚାଲିବ ବୋଲି ସାମୁଦ୍ରିକ ଥାନା ଅଧିକାରିଣୀ ସାହୁ ସୂଚନା ଦେଇଛନ୍ତି । ସାମୁଦ୍ରିକ ଥାନାର ଏଏସ୍‌ଆଇ ପ୍ରତାପ ଚନ୍ଦ୍ର ମହାନ୍ତି, ବାବୁରାମ ହେମ୍ବ୍ରମ, ଜିତେନ୍ଦ୍ର ମୁନି, ବ୍ରହ୍ମାନନ୍ଦ ସ୍ୱାଇଁ, ଶରତ କୁମାର ରାଉତ, ଜ୍ଞାନେନ୍ଦ୍ର ମାହୁନ୍ତ, ବିଜୟ କୁମାର ସାମଲ, ବି.ଆର.ନାୟକ, ବିଡି ମାହୁନ୍ତ, ଏସ୍.ସ୍ୱାଇଁ, ପରୀକ୍ଷିତ ସେଠୀ, ନାଷ୍ଟ ପରିଡ଼ା, ଜ୍ଞାନ ରଞ୍ଜନ ନାୟକ ଓ ଆଶିଷ କୁମାର ପଣ୍ଡା ପ୍ରମୁଖ ଏହି ମିଳିତ ସମରାଭ୍ୟାସରେ ସାମିଲ ହୋଇଥିଲେ।

## ଡେରାବିଶରେ ପାନୀୟ ଜଳ ପ୍ରକଳ୍ପ ତଦାରଖକଲେ ସଚିବ



ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି ପାନୀୟ ଜଳ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଡେରାବିଶ,୨୦।୩ (ବେବର୍ତ୍ତା ଅଜୟ ଦାସ)

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ବୁଧବାର ଡେରାବିଶ ବ୍ଲକ ଅଞ୍ଚଳ ଗସ୍ତ କରି ବିଭିନ୍ନ ପାନୀୟ ପ୍ରକଳ୍ପ ବୁଲି ଦେଖିଛନ୍ତି। ଏହି ଅବସରରେ ସେ ପାନୀୟ ଯୋଗାଣ ବ୍ୟବସ୍ଥାର ତଦାରଖ କରିଥିବା ଜଣାଯାଇଛି। ପ୍ରମୁଖ ସଚିଚ ଲୋହାନୀ ପୂର୍ବାହ୍ନରେ ଡେରାବିଶ ବ୍ଲକ ଅଞ୍ଚଳର ଚାଟରାଚକଡା ପଞ୍ଚାୟତର ଫକିରାବାଦସ୍ଥିତ ପାନୀୟ ପ୍ରକଳ୍ପ ସମେତ ବାଲିଆ ପଞ୍ଚାୟତର ଦେଶପୁର ଓ ଚାନ୍ଦୋଳ ପଞ୍ଚାୟତର ବାଙ୍କିମୁଣ୍ଡାଇସ୍ଥିତ ପାନୀୟ ପ୍ରକଳ୍ପଠାରେ ପହଞ୍ଚି ଏହାକୁ ବୁଲି ଦେଖିବା ସହ ଓଭର ହେଡ ଟାଙ୍କିର ଅନୁଧ୍ୟାନ କରିଥିଲେ। ଏଥିସହ ଏହି ପ୍ରକଳ୍ପରୁ ବିଭିନ୍ନ ଗ୍ରାମକୁ ଠିକ୍ ଢଙ୍ଗରେ ପାନୀୟ ଜଳ ଯୋଗାଇବା ନେଇ ତଦାରଖ କରିଥିଲେ। ଏପରିକି ସଚିବ ଲୋହାନୀ ସ୍ଥାନୀୟ ଜନସାଧାରଣଙ୍କୁ ଭେଟି ପାନୀୟ ଜଳ ଯୋଗାଣରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରମୁଖ ଶାସନ ସଚିବଙ୍କ ସହ ପାନୀୟ ଜଳ ଯୋଗାଣ ବିଭାଗର ନିର୍ଦ୍ଦେଶକ ଅରିନ୍ଦମ ଡାଲୁଆ ମଧ୍ୟ ଏହି ଗସ୍ତ କାର୍ଯ୍ୟକ୍ରମରେ ସାମିଲ ରହିଥିଲେ। ତେବେ ପ୍ରମୁଖ ସଚିବ ଲୋହାନୀ ଓ ନିର୍ଦ୍ଦେଶକ ଡାଲୁଆଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, କେନ୍ଦ୍ରାପଡ଼ା ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଜିଲା ପାନୀୟ ଜଳ ଯୋଗାଣ ବିଭାଗର ନିର୍ବାହୀ ଅଧିକାରୀ ବସନ୍ତ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ସେଠୀ ଏବଂ ବ୍ଲକର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବିଭୁଦତ୍ତ ଦାସ ଓ ରୁଦ୍ର କେଶରୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ନିଆଁଲାଗି ୩ ବଖରା ଜଳିଗଲା

ଚଣ୍ଡିଖୋଲ,୨୦।୩(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ପଞ୍ଚାୟତର ବାତୋ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଗୁଣନିଧି ରାଉତଙ୍କ ୩ ବଖରା ଘର ଜଳିଯିବା ସହ ବିପୁଳ ସମ୍ପତ୍ତି ନଷ୍ଟ ହୋଇଯାଇଛି। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହେଲେ ସେତେବେଳକୁ ସବୁକିଛି ଜଳି ପାଉଁଶ ହୋଇ ଯାଇଥିଲା। ନିଆଁ ଲାଗିବାର କାରଣ ଜଣା ପଡ଼ି ନ ଥିଲେ ମଧ୍ୟ ବିଦ୍ୟୁତ୍ ସର୍ଟ ଶର୍କିଟ ଯୋଗୁ ଏଭଳି ଘଟିଥାଇ ପାରେବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଓଡ଼ିଆ ଖାଦ୍ୟ ଅସ୍ମିତାର ପ୍ରତୀକ ହେଉଛି ପଖାଳ

କେନ୍ଦ୍ରାପଡ଼ା,୨୦।୩ (ଜଗନ୍ନାଥ ଧଳ)



ପଖାଳ ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ।

କେନ୍ଦ୍ରାପଡ଼ା ଜିଲା ଯାତ୍ରା କମିଟି ମହାସଂଘ ଓ କେନ୍ଦ୍ରାପଡ଼ା ଓଡ଼ିଆ କଳା ସଂସ୍କୃତି ପୁନରୁଦ୍ଧାର ସମିତିର ମିଳିତ ସହଯୋଗରେ ସହର ସନ୍ନିକଟ ଶ୍ୟାମସୁନ୍ଦରପୁର ଗଡାସ୍ଥିତ ଚଣ୍ଡିଆ ହୋଟେଲ ପ୍ୟାଲେସରେ ବିଶ୍ୱ ପଖାଳ ଦିବସ ବୁଧବାର ପାଳିତ ହୋଇଯାଇଛି। ଯାତ୍ରା କମିଟି ମହାସଂଘ ସଭାପତି ମିହିର କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଆଇନଜୀବୀ ଜ୍ୟୋସ୍ନାମୟୀ ପରିଡା, ବୁଦ୍ଧିଜୀବୀ ଶିବାଶିଷ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ, ଓଡ଼ିଆ ଜାତିର ଖାଦ୍ୟ ଅସ୍ମିତାର ପ୍ରତୀକ ତଥା ଗର୍ବ ଓ ଗୌରବ ହେଉଛି ପଖାଳ। ସାଧାରଣ ଲୋକଟିର ଜୀବନ ସହିତ ଏହି ପଖାଳ ଓତପ୍ରୋତ ଭାବେ ଜଡିତ। ପଖାଳ ସହ ଓଡ଼ିଆଙ୍କ ଧାର୍ମିକ ଭାବନାର ମଧ୍ୟ ପ୍ରତ୍ୟେକ୍ଷ ସମ୍ପର୍କ ରହିଛି। ଓଡ଼ିଆ ଜାତିର ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ ମଧ୍ୟ ପଖାଳ ପ୍ରିୟ ବୋଲି ସେମାନେ ଦର୍ଶାଇଥିଲେ। ଏହି ଅବସରରେ ଚଣ୍ଡିଆ ପ୍ୟାଲେସରେ ପଖାଳ ସହ ୨୨ ପ୍ରକାର ନିରାମିଷ ଓ ଆମିଷ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଲୋକମାନଙ୍କୁ ପରସା ଯାଇଥିଲା। ଉତ୍ସବକୁ ଚଣ୍ଡିଆ ପ୍ୟାଲେସ ମାଲିକ ବଳରାମ ସାହୁ, ଦୁଇ କମିଟିର କର୍ମକର୍ତ୍ତା ଗଣେଶ ପଟ୍ଟନାୟକ, ସମୀର ରଞ୍ଜନ ବାରିକ, ବିବେକ ବେହୁରା ପ୍ରମୁଖ ପରିଚାଳନା କରିଥିଲେ।

## ଅଦିନିଆ ବର୍ଷା: ଡେରାବିଶରେ ବ୍ୟାପକ ମୁଗ, ବିରି ଫସଲ ନଷ୍ଟ

**ଚିନ୍ତାରେ ଚାଷୀ**

ଡରାବିଶ,୨୦।୩ (ବେବର୍ତ୍ତା ଅଜୟ ଦାସ)



ସୋମବାରଠାରୁ ଆରମ୍ଭ ହୋଇଥିବା କାଳବୈଶାଖୀର ପ୍ରଭାବରେ ଉପକୂଳବର୍ତ୍ତୀ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ ମୁଗ ଓ ବିରି ଫସଲ ବ୍ୟାପକ ଭାବେ ନଷ୍ଟ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ସୋମବାର ରାତିରୁ ତୁହାକୁ ତୁହା ବର୍ଷା ଲାଗିରହିଛି। ଏହି ଲଗାଣ ବର୍ଷାରେ ଅଞ୍ଚଳର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଖାଲୁଆ ଚାଷଜମିରେ ବର୍ଷାପାଣି ଜମି ମୁଗ ଓ ବିରି ଫସଲ ବୁଡ଼ିରହିଛି। ଯେଉଁ ଚାଷଜମିରେ ମୁଗ ଓ ବିରିରେ ଫୁଲ ଧରି ଆସିଥିଲା ତାହା ମଧ୍ୟ ନଷ୍ଟ ହେବାକୁ ବସିଛି। ଏ ନେଇ ସମଗ୍ର ବ୍ଲକ ଅଞ୍ଚଳରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ବିଭାଗ ସହକାରୀ ଅଧିକାରୀ ବନଲତା ବେହେରାଙ୍କୁ ଯୋଗାଯୋଗ କରଯାଇଥିଲା। ସେ କହିଲେ, ବର୍ଷା ଛାଡ଼ିବା ପରେ କ୍ଷୟକ୍ଷତି ଆକଳନ କରାଯିବ। କୃଷି ଅଧିକାରୀଙ୍କ ସୂଚନା ଅନୁଯାୟୀ, ଚଳିତବର୍ଷ ବ୍ଲକ ଅଞ୍ଚଳରେ ୭୨୬୦ ହେକ୍ଟର ଜମିରେ ମୁଗଚାଷ କରାଯାଇଥିବା ବେଳେ ୨୬୦୦ ହେକ୍ଟର ଚାଷ ଜମିରେ ବିରି ଫସଲ ଚାଷ କରାଯାଇଛି।

## ସଂକ୍ଷେପରେ

## ନାବାଳିକା ବଳାତ୍କାର ମାମଲା ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୨୦।୩(ସୁବାସ ଚନ୍ଦ୍ର ପାଢ଼ୀ)

ଫାଷ୍ଟ ଟ୍ରାକ୍ ପୋକସୋ ଜଜ ଏକ ନାବାଳିକା ବଳାତ୍କାର ମାମଲାରେ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ବାଲେଶ୍ୱର ସିମୁଳିଆ ଥାନା ବନାମାର୍କୋନା ଗ୍ରାମର ରାଜେନ୍ଦ୍ର ମହାରଣା ଓରଫ ରାଜେଶ। ରାଜେଶଙ୍କ ଫେସବୁକ ଜରିଆରେ ଛତ୍ରପୁର ଥାନା ଅଞ୍ଚଳର ଜଣେ ୧୭ବର୍ଷୀୟା ନାବାଳିକାଙ୍କ ସହ ପ୍ରେମ ହୋଇଥିଲା। ୨୦୨୨ ସେପ୍ଟମ୍ବର ୨୭ ତାରିଖରେ ନାବାଳିକା ଜଣଙ୍କ ଘରୁ ନିଖୋଜ ହୋଇଥିବା ନେଇ ଛତ୍ରପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୫୮୨/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ମୋବାଇଲ ଟ୍ରାକିଂ କରି ୨୦୨୩ ଏପ୍ରିଲ ୨୨ ତାରିଖରେ ନାବାଳିକାଙ୍କୁ ବାଲେଶ୍ୱରରୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ସେଠାରୁ କାବୁ କରିଥିଲା। ପରେ ଉଭୟଙ୍କୁ ଥାନାକୁ ଅଣାଯାଇଥିଲା। ପୀଡ଼ିତାଙ୍କ ଅଭିଯୋଗ ଅନୁଯାଇ ପୋଲିସ ଅଭିଯୁକ୍ତ ରାଜେନ୍ଦ୍ର ମହାରଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ତାଙ୍କୁ ହାଇକୋର୍ଟରୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସନ୍ତୋଷ କୁମାର ନାୟକ, ଡ. ବାନାମ୍ବର ଦାଶ ଓ ଅଶୋକ କୁମାର ରଥ ମାମଲା ପରିଚାଳନା କରିଥିଲେ।

## ନାଟକ 'ଲୁହରେ ଆରମ୍ଭ ଲୁହରେ ଶେଷ' ମଞ୍ଚସ୍ଥ

କବିସୂର୍ଯ୍ୟନଗର,୨୦।୩(କୃପାସିନ୍ଧୁ ସ୍ୱାଇଁ):

କବିସୂର୍ଯ୍ୟନଗର ବ୍ଲକ ସୁନାପଲ୍ଲୀ ପଞ୍ଚାୟତ ସୁନାପଲ୍ଲୀଠାରେ ସାମାଜିକ ନାଟକ 'ଲୁହରେ ଆରମ୍ଭ ଲୁହରେ ଶେଷ' ମଞ୍ଚସ୍ଥ ହୋଇଯାଇଛି। ବାଲୁଙ୍କେଶ୍ୱର ଯୁବ ନାଟ୍ୟ ସଂସଦ ତରଫରୁ ମଞ୍ଚସ୍ଥ ଏହି ନାଟକକୁ ଗଞ୍ଜାମ ଜୋନ୍ ବିଜେଡି ସଭାପତି ନଚିକେତା ସ୍ୱାଇଁ ଉଦଘାଟନ କରିଥିଲେ। ପୂର୍ବତନ ଜିଲା ପରିଷଦ ଅଧକ୍ଷ ସୁରଥ ଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ କଳା ବଞ୍ଚି ରହିଲେ ସମାଜରେ ଭାଇଚାରା ବଞ୍ଚି ରହିବ ବୋଲି କହିଥିଲେ। ମୁଖ୍ୟ ଅତିଥି ସ୍ୱାଇଁ ଯୁବକମାନେ ଅଞ୍ଚଳର ବିକାଶ ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ନିର୍ଦ୍ଦେଶକ ନିଲୁ ମିଶ୍ରଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ମଞ୍ଚସ୍ଥ ଏହି ନାଟକ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ନାଟକରେ ମୁଖ୍ୟ ଭୂମିକାରେ ରଞ୍ଜନ କୁମାର ସେଠୀ, ମିଥୁନ କୁମାର ସେଠୀ, ଶିଶିର ଖଟାଇ, ସୁନୀଲ ଖଟାଇ, କୁନା ସାହୁ, ବଳରାମ ଗୌଡ଼, ନିଲୁ ଦଳାଇ, ଅର୍ଜୁନ ଖଟାଇ ଅଭିନୟ କରିଥିଲେ। ପବିତ୍ର କୁମାର ସାହୁ ନାଟକର ପରିଚାଳନା ଦାୟିତ୍ୱ ସମ୍ଭାଳିଥିବା ବେଳେ ମ୍ୟାନେଜର ରୋହିତ ପରିଡ଼ାଙ୍କ ପ୍ରୟାସକୁ ସମସ୍ତେ ସାଧୁବାଦ ଜଣାଇଥିଲେ। ବାଲୁଙ୍କେଶ୍ୱର ଯୁବ ନାଟ୍ୟ ସଂସଦର ସଭାପତି ଉମା ରଥ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ଜଙ୍ଗଲ ସୁରକ୍ଷା ନ ହେଲେ ବିପଦ

ବ୍ରହ୍ମପୁର,୨୦।୩(ଅଶୋକ କୁମାର ସାହୁ):



**ଆଜି ବିଶ୍ୱ ବନ ଦିବସ**

ଗୁରୁବାର ବିଶ୍ୱ ବନ ଦିବସ। ଜୀବଜଗତକୁ ବଞ୍ଚାଇବା ପାଇଁ ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହାର ସୁରକ୍ଷା ଅନିବାର୍ଯ୍ୟ। ଚଳିତବର୍ଷ ବନ ଦିବସର ବିଷୟବସ୍ତୁ ରହିଛି 'ଜଙ୍ଗଲ ଏବଂ ଉଦ୍ଭାବନ: ଏକ ସୁଦୃଢ଼ ବିଶ୍ୱ ପାଇଁ ନୂତନ ସମାଧାନ'। ଜଙ୍ଗଲ ସୃଷ୍ଟି କରିବା ପାଇଁ ଅନେକ ସମୟ ଲାଗୁଥିବାବେଳେ ଏହାକୁ ଧ୍ୱଂସ କରିବାକୁ ମନୁଷ୍ୟକୁ କ୍ଷଣିକ ସମୟ ଲାଗୁଛି। ତେଣୁ ଏକ ସୁଦୃଢ ବା ସବୁଜ ବିଶ୍ୱ ସ୍ଥାପନ ପାଇଁ ଜଙ୍ଗଲ ସୁରକ୍ଷା ନିମନ୍ତେ ଆମେ ନିଜକୁ କିଭଳି ପରିବର୍ତ୍ତନ କରି ସମାଧାନର ପନ୍ଥା ବାହାର କରିବା ତାହା ସମାଜ ଲାଗି ଜରୁରୀ ହୋଇପଡିଛି।

ଜୀବଜଗତକୁ ଗୋଟିଏ ପରିବେଶରେ ବଞ୍ଚାଇ ରଖିବା ସହିତ ଆର୍ଥିକ ଓ ସାମାଜିକ ସ୍ଥାୟିତ୍ୱ ଦେଉଥିବା ଜଙ୍ଗଲ ଏବେ ବିଭିନ୍ନ କାରଣରୁ ଧ୍ୱଂସ ହେଉଥିବାରୁ ଆଗାମୀ ଦିନରେ ଆମେ ବିପଦର ସମ୍ମୁଖୀନ ହେବା ନିଶ୍ଚିତ ବୋଲି ପରିବେଶବିତମାନେ କହିଛନ୍ତି। ଲୋକଶକ୍ତି ଅଭିଯାନର ସଭାପତି ତଥା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି, ୧୯୮୦ରେ ଆମ ଦେଶରେ ଜଙ୍ଗଲ ସଂରକ୍ଷଣ ଆଇନ ତିଆରି କରାଯାଇଥିଲା। ୧୯୯୬ରେ ସୁପ୍ରିମକୋର୍ଟ ଅଭିଧାନ ଅନୁସାରେ ଯେଉଁଠି ସବୁଜିମା ଥିବ ତାକୁ ଜଙ୍ଗଲ କୁହାଯିବ ବୋଲି ଏକ ନିର୍ଦ୍ଦେଶନାମା ଜାରି କରିବା ପରେ ଜଙ୍ଗଲର ବିକାଶ ହୋଇଛି। ସାଧାରଣ ଲୋକ ଏବଂ ସରକାର ମିଳିତ ଭାବେ ଜଙ୍ଗଲ ବୃଦ୍ଧିରେ ସହାୟକ ହୋଇଥିଲେ। କିନ୍ତୁ ପରମୁହୂର୍ତ୍ତରେ କେନ୍ଦ୍ର ସରକାର ୧୯୮୦ରେ ପ୍ରଣୀତ ଜଙ୍ଗଲ ସଂରକ୍ଷଣ ଆଇନକୁ ୨୦୨୩ରେ ସଂଶୋଧନ କରିଦେଲେ। ଫଳରେ ଭାରତର ୨୮ ପ୍ରତିଶତ ଜଙ୍ଗଲ ଅଣଜଙ୍ଗଲ ହୋଇଗଲା। ସେହି ପ୍ରକାରେ ଓଡ଼ିଶାରେ ୬୬ ଲକ୍ଷ ଏକର ଜଙ୍ଗଲ ଅଣଜଙ୍ଗଲ ହୋଇଗଲା। ପାଣି, ପରିବେଶ, ଜଳବାୟୁର ଜଙ୍ଗଲ ସହିତ ସମ୍ପର୍କ ରହିଛି। ଯଦି ଜଙ୍ଗଲ ଧ୍ୱଂସ ହେବ ମାଟିତଳେ ଥିବା ପାଣିର ସ୍ତର କମିଯିବ। ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳର ମାତ୍ରା ଅଧିକ ହେବ। ଅମ୍ଳଜାନ ମିଳିବନି। ଜଳବାୟୁ ଅସନ୍ତୁଳିତ ହୋଇପଡିବ। ଏହାର ପ୍ରଭାବ ସମ୍ପୂର୍ଣ୍ଣ ଜୀବଜଗତ ଉପରେ ପଡିବ ବୋଲି ସାମନ୍ତରା ପ୍ରକାଶ କରିଛନ୍ତି। ଦକ୍ଷିଣ ଓଡ଼ିଶାର ଅବିଭକ୍ତ କୋରାପୁଟ ଜଙ୍ଗଲରେ ପରିପୂର୍ଣ୍ଣ। ସେଠାରେ ଅନେକ ଝରଣା, ନଦୀ ରହିଛି। ସେହିପରି ଗଞ୍ଜାମ ଜିଲାରେ ସିଂହାସନୀ ଜଙ୍ଗଲ ପରି ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି। କିନ୍ତୁ ପିପଳପଙ୍କା ଜଙ୍ଗଲ ରହିଛି। ସେହି ଜଙ୍ଗଲ ଦେଇ ଋଷିକୁଲ୍ୟା ନଦୀକୁ ଜଳ ଆସୁଛି। ତେଣୁ ଏହି ଜଙ୍ଗଲ ସୁରକ୍ଷିତ ରହିବା ଆବଶ୍ୟକ। ଜଙ୍ଗଲ ସୁରକ୍ଷା ପାଇଁ ଲୋକଶକ୍ତି ଅଭିଯାନ ସଂଗ୍ରାମ ଜାରି ରଖିଛି ବୋଲି ସେ କହିଛନ୍ତି। ସେହିପରି ସବୁଜବାହିନୀ ସଂଗଠନର ସଭାପତି ଶିବରାମ ପାଣିଗ୍ରାହୀ କହିଛନ୍ତି, ଗଛକୁ ସୁରକ୍ଷା ଦେବା ଆମ କର୍ତ୍ତବ୍ୟ। କାରଣ ଗଛ ବଞ୍ଚିଲେ ଜୀବଜଗତ ବଞ୍ଚିବ। ୧୦ ବର୍ଷ ହେଲା ଆମ ସଂଗଠନ ଗଛର ସୁରକ୍ଷା ସହିତ ବନୀକରଣ ଉପରେ ଗୁରୁତ୍ୱ ଦେଉଛି ବୋଲି ସେ କହିଛନ୍ତି। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସୋନି ଖୋଖର କହିଛନ୍ତି, ବନ ବିଭାଗ ପକ୍ଷରୁ ଜଙ୍ଗଲ ସୁରକ୍ଷା ପାଇଁ ଉଦ୍ୟମ ଜାରି ରହିଛି। ବିଭିନ୍ନ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏଥି ସହିତ ଜଙ୍ଗଲ ସୃଷ୍ଟି କରିବା ପାଇଁ ବନୀକରଣ କରାଯାଉଛି ବୋଲି ସେ କହିଛନ୍ତି।

## ଯୌତୁକ ପାଇଁ ବଧୂହତ୍ୟା, ସ୍ୱାମୀ ଗିରଫ

ବ୍ରହ୍ମପୁର, ୨୦।୩(ସୁବାସ ଚନ୍ଦ୍ର ପାଢ଼ୀ)

ଯୌତୁକ ପାଇଁ ଜଣେ ବଧୂଙ୍କୁ ହତ୍ୟା କରାଯାଇଥିବା ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ କରି ହତ୍ୟା ଅଭିଯୁକ୍ତ ସ୍ୱାମୀଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବୁରୁକୁଦି ଗ୍ରାମର ସୁନୀଲ ସେଠୀ(୩୨)। ସୁନୀଲ ୨୦୨୨ ଜୁଲାଇ ୮ ତାରିଖରେ ଗୋସାଣିନୂଆଗାଁ ଅଞ୍ଚଳର କୃଷ୍ଣଚନ୍ଦ୍ର ସେଠୀଙ୍କ ଝିଅ ଅନିତାଙ୍କୁ ବିବାହ କରିଥିଲେ। କିଛିଦିନ ପରେ ଅନିତାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଗତ ୭ମାସ ତଳେ ଅନିତା ତାଙ୍କ ବାପଘରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଗତ ୨୮ ତାରିଖରେ ସୁନୀଲ ତାଙ୍କ ସ୍ତ୍ରୀ'ଙ୍କୁ ଧରି ବୁରୁକୁଦି ଆସିଥିଲେ। ଗତ ୧୮ ତାରିଖ ରାତିରେ ଅନିତାଙ୍କ ମୃତ୍ୟୁ ଘଟିଥିବା ନେଇ ସୁନୀଲ ତାଙ୍କ ଶାଳକ ଭିକାରୀ ଚରଣ ସେଠୀଙ୍କୁ ଜଣାଇଥିଲେ। ଭିକାରୀ ଓ ତାଙ୍କ ଘରଲୋକ ପହଞ୍ଚି ଅନିତାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ସ୍ୱାଇଁ ସୁନୀଲ ଓ ତାଙ୍କ ଘର ଲୋକ ମିଳିମିଶି ଅନିତାଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେଉଛନ୍ତି ବୋଲି ଭିକାରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୮୯/୨୪ ରେ ଯୌତୁକଜନିତ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

## ଉଚ୍ଚତର ଶିକ୍ଷା ଗବେଷଣା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଗୋପାଳପୁର,୨୦।୩(ନବୀନ ରାଜ ଆଚାରୀ):

କନିଷି ହାଟ ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଗବେଷଣା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ନୀହାର ରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ପ୍ରଫେସର ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଅଧ୍ୟକ୍ଷ ପ୍ରଫେସର ଡ. ଶ୍ରୀକାନ୍ତ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ନିଜକୁ ଭଲ ମଣିଷ ଭାବେ ଗଢ଼ିତୋଳିବାକୁ ମୁଖ୍ୟବକ୍ତା କହିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଅଧ୍ୟକ୍ଷ ପାଇକରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ 'ଏଇତ ଜୀବନ' ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚସ୍ଥ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହେଶ କୁମାର ତ୍ରିପାଠୀ, ଭୁବନେଶ୍ୱରୀ ମିଶ୍ର, ଡ. ନିବେଦିତା କର, ଡ. ରାମଚନ୍ଦ୍ର ମାଝୀ, ଡ. ସନ୍ତୋଷ କୁମାର ଜେନା, ଡ. ବାବୁ ରାମ ପାଣି, ଡ. ସୁରନ୍ଦିତା ମୁନି, ଡ. ଦିଲୀପ କୁମାର ଦଳେଇ, ଡ. ନମିତା ପ୍ରଧାନ, ରଶ୍ମିତା ପାତ୍ର, ମୀନ ଶବର, ଦୀପକ କୁମାର ପଣ୍ଡା, ପୂର୍ଣ୍ଣ ଚନ୍ଦ୍ର ବେହେରା, ଛାତ୍ର ସଭାପତି ରାଜା ପାତ୍ର, ଉପସଭାପତି ଆଶିଷ ଚାନ୍ଦ ପରିଚ୍ଛା, ସାଧାରଣ ସମ୍ପାଦକ ପ୍ରଭାତୀ ମହାରଣା, ସହ ସମ୍ପାଦକ ବିରାଜ ପ୍ରଧାନ, ଅଣକର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବିଶ୍ୱ ଘରଚଟିଆ ଦିବସ ପାଳିତ

ବ୍ରହ୍ମପୁର,୨୦।୩(ସ୍ମୃତି ରଞ୍ଜନ ମହାଲିକ)



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଓ ପରିଷଦର ସଭ୍ୟବୃନ୍ଦ ।

ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବିଶ୍ୱ ଘର ଚଟିଆ ଦିବସ ବୁଧବାର କୁକୁଡାଖଣ୍ଡି ବ୍ଲକ ଗୁଣ୍ଡବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ସାଗର କୁମାର ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା କୁମାରୀ ସାହୁ ଯୋଗ ଦେଇଥିଲେ। ସେ ଛାତ୍ରୀଛାତ୍ରଙ୍କୁ ଘରଚଟିଆ ସହ ପ୍ରକୃତିର ସମ୍ପର୍କ ବିଷୟରେ ବୁଝାଇଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କୁ କୃତ୍ରିମ ବାସ, ଖାଦ୍ୟ ସ୍ଥଳୀ ଓ ପକ୍ଷୀଙ୍କ ତୃଷା ନିବାରଣ ପାଇଁ ପାଣି ପାତ୍ର ବଣ୍ଟନ କରାଯାଇଥିଲା। ପରିଷଦ ଦୀର୍ଘ ୧୨ ବର୍ଷ ଧରି ଘର ଚଟିଆ ସୁରକ୍ଷା ପାଇଁ ଗଞ୍ଜାମ,ଗଜପତି ସମେତ ଜଗତସିଂହପୁର ଜିଲାର ବିଭିନ୍ନ ସ୍ଥାନରେ ସୁରକ୍ଷା ଓ ସଂରକ୍ଷଣ ଦିଗରେ କାର୍ଯ୍ୟ କରିଆସୁଛି। ସଂରକ୍ଷଣ ଦ୍ୱାରା ସେମାନଙ୍କ ବଂଶ ବୃଦ୍ଧି ଘଟୁଛି ବୋଲି କୁହାଯାଇଛି। ପରିଷଦର ସମ୍ପାଦକ ବିଜେନ୍ଦ୍ର ମାଝୀ, ଈଷାନେଶ୍ୱର ପାଠାଗାର ସଭାପତି ବନମାଳୀ ପ୍ରଧାନ, ନାରାୟଣ ସାମଲ, ଶିକ୍ଷୟିତ୍ରୀ ସଂଗୀତା ସାମଲ ଓ ରୁନୁ ବରାଡ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଅସଦାଚରଣ, ଯୁବକ ଗିରଫ

ଗୋପାଳପୁର,୨୦।୩(ନବୀନ ରାଜ ଆଚାରୀ)

ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ବୁଧବାର ଦୁମୁଦୁମୀ ଗ୍ରାମ ଓଡିଆରପି କଲୋନୀର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଲଣ୍ଡା ବେହେରା। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଗତ ୧୬ତାରିଖ ରାତିରେ ମହିଳା ଜଣଙ୍କ ଏକା ଥିବାବେଳେ ସେହି ଗ୍ରାମର ଲଣ୍ଡା ତାଙ୍କ ଘରକୁ ଯାଇ କବାଟ ବାଡେଇ ଥିଲେ। ମହିଳା ଜଣଙ୍କ କବାଟ ଖୋଲିବା ପରେ ସେ ତାଙ୍କୁ ଅସଦାଚରଣ କରିଥିଲେ। ମହିଳା ଦୌଡ଼ଯାଇ ରାଜେନ୍ଦ୍ର ବେହେରାଙ୍କ ଘରେ ପଶିଯାଇଥିଲେ। ଲଣ୍ଡା ସେଠାକୁ ଯାଇ ରାଜେନ୍ଦ୍ରଙ୍କୁ ଗାଳି କରିବା ସହ ଆକ୍ରମଣ କରିଥିଲେ। ପରିବାର ଲୋକ ରାଜେନ୍ଦ୍ରଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ନଂ. ୧୨୨/୨୪ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଥିଲା।

## ଶିକ୍ଷକଙ୍କ ୨୦ ଲକ୍ଷ ହଡ଼ପ କରି ବିଇଓ ଅଟକ

ଦାରିଙ୍ଗବାଡି,୨୦।୩(ଅରୁଣ ସାହୁ):

ଶିକ୍ଷକଙ୍କ ନ୍ୟାସନାଲ ପେନସନ ସ୍କିମର ୨୦ ଲକ୍ଷ ଟଙ୍କା ହଡ଼ପ କରି ବିଇଓ ରସାନନ୍ଦ କର ଏବେ ଭିଜିଲାନ୍ସ ମାମଲାରେ ଛନ୍ଦି ହୋଇଯାଇଛନ୍ତି । ପ୍ରକାଶ ଯେ, ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଶିକ୍ଷକମାନଙ୍କ ନ୍ୟାସନାଲ ପେନସନ ସ୍କିମ (ଏନପିଏସ)ରେ ୨୦ ଲକ୍ଷ ଟଙ୍କା ବେଆଇନ ଭାବେ ଉଠାଣ କରି ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରି ଉକ୍ତ ଅର୍ଥକୁ ଏକ ସେୟାର ମାର୍କେଟରେ ବିନିଯୋଗ କରିଥିଲେ, ଯାହାକି ସରକାରୀ ଅର୍ଥକୁ ତୋସାରପାତ ହୋଇଥିବା ଭିଜିଲାନ୍ସ ଜାଣିପାରି ଏକ ମାମଲା (୬/୨୪ )ରୁଜୁ କରି ବିଇଓ ରସାନନ୍ଦ କରଙ୍କୁ ଅଟକ ରଖି ପଚରା ଉଚରା କରୁଛି ବୋଲି ଭିଜିଲାନ୍ସ ଇନ୍ସପେକ୍ଟର କୁମୁଦୁନୀ ସାହୁ କହିଛନ୍ତି।

## ୨୫ରୁ ଗଞ୍ଜାମର ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ



ଦଣ୍ଡଯାତ୍ରା ଫାଇଲ ଫଟୋ ।

ବ୍ରହ୍ମପୁର,୨୦।୩(ତନୁଶ୍ରୀ ନାହାକ–

ଗଞ୍ଜାମ ଜିଲାର ବହୁ ପୁରାତନ ଓ ପାରମ୍ପରିକ ଦଣ୍ଡଯାତ୍ରା ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ସବୁ ଦଳ ପକ୍ଷରୁ ପ୍ରସ୍ତୁତି ଚାଲିଛି। ପୌରାଣିକ କଥାବସ୍ତୁ ଆଧାରରେ ଏହି ଯାତ୍ରା ମେରୁ ସଂକ୍ରାନ୍ତିକୁ କେନ୍ଦ୍ରକରି ମୁଖ୍ୟତଃ ୨୧, ୧୭ ଓ ୧୩ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମର ତାତିରେ ପାଟଭୁକ୍ତାଙ୍କ ଆଦେଶାନୁସାରେ ଦଣ୍ଡ ପରିବେଷିତ ହୁଏ। ମା' କାଳୀ ଓ ମହାଦେବ ଯାତ୍ରାର ଆରାଧ୍ୟ ଦେବାଦେବୀ। ପ୍ରଥମ ଦିନ ମନ୍ଦିର ତଥା ଶ୍ମଶାନ୍‌ରୁ ମାଁ କାଳୀ ଓ ମହାଦେବଙ୍କୁ ଆବାହନ କରାଯାଏ। ବାଜାବାଜଣା ମଧ୍ୟରେ ଘଟକୁ ମନ୍ଦିରକୁ ଆଣି ପୂଜାର୍ଚ୍ଚନା କରି ମାନସିକଧାରୀ ଦଣ୍ଡୁଆମାନେ ଯାତ୍ରାରେ ବାହାରିବା ପରମ୍ପରା ରହିଛି। ନିର୍ଦ୍ଦିଷ୍ଟ ଦିନ ପର୍ଯ୍ୟନ୍ତ ଜାତି,ବର୍ଣ୍ଣ, ଧର୍ମ ନିର୍ବିଶେଷରେ ମାନସିକଧାରୀମାନେ ବ୍ରହ୍ମଚର୍ଯ୍ୟପାଳନ, ଦୈନିକ କେବଳ ଥରେ ମାତ୍ର ଢ଼ୋଲ ମୃଦଙ୍ଗ ଓ ଗିନିର ତାଳେ ତାଳେ ସାତ୍ତ୍ୱିକ ଭୋଜନ ଗ୍ରହଣ କରି ନିଷ୍ଠାର ସହ ଦଣ୍ଡ ପରିବେଷଣ କରିଥାନ୍ତି। କିଛି ସ୍ଥାନରେ ପଞ୍ଚୁଦଣ୍ଡ, ସପ୍ତଦଣ୍ଡ, ଅଷ୍ଟଦଣ୍ଡ ଓ ଦ୍ୱାଦଶ ଦଣ୍ଡର ମହାମିଳନ ହୋଇଥାଏ। ଏହା ଦେଖିବା ପାଇଁ ପ୍ରବଳ ଗହଳି ହୁଏ। ମଧ୍ୟାହ୍ନରେ ଧୂଳିଦଣ୍ଡ, ଅପରାହ୍ନର ପାଣିଦଣ୍ଡ, ସନ୍ଧ୍ୟା ଆଳତୀ ସହ ରାତ୍ରରେ ଅଗ୍ନିଦଣ୍ଡ ପରେ କାଳି ପରବା ନାଚ ଯାତ୍ରାର ମୁଖ୍ୟ ଆକର୍ଷଣ। ମହାବିଷୁବ ବା ମେରୁ ସଂକ୍ରାନ୍ତିରେ ଯାତ୍ରା ଉଦଯାପିତ ହୋଇଥାଏ। ପୂର୍ବରୁ ପରମ୍ପରାଗତ ନାଚ ହେଉଥିବାବେଳେ ଏବେ ମନୋରଞ୍ଜନ ପାଇଁ ଅପେରା ପରିବେଷଣ କରାଯାଉଛି। କିନ୍ତୁ ଲୋକଙ୍କୁ ଆକୃଷ୍ଟ ପାଇଁ ଅପେରାରେ ଅଶ୍ଳୀଳତାକୁ ଅନେକ ନିନ୍ଦା କରିଛନ୍ତି। ତେବେ ନିର୍ଦ୍ଦିଷ୍ଟ ଦିନ ଯାତ୍ରା ପରେ ମେରୁ ଶ୍ମଶାନ ଭୋଜି ହୋଇଥାଏ। ପରେ ଦଣ୍ଡୁଆ ମାନେ ସ୍ୱଗୃହ ପ୍ରତ୍ୟାବର୍ତ୍ତନ କରିଥାନ୍ତି ବୋଲି ନୂଆ ବସଷ୍ଟାଣ୍ଡ ଦଣ୍ଡନାଚ ଦଳର ପାଟଭୁକ୍ତା ତାରିଣୀ ପ୍ରସାଦ ବେହେରା କହିଛନ୍ତି।

## ସ୍ଥାୟୀ ବିକାଶ ବ୍ୟବସାୟ ସମ୍ବନ୍ଧିତ ଆଲୋଚନାଚକ୍ର





ଆଲୋଚନାଚକ୍ରରେ ଉପସ୍ଥିତ ମୁଖ୍ୟବକ୍ତା ଓ ଅନ୍ୟମାନେ।

ବ୍ରହ୍ମପୁର,୨୦।୩(ସ୍ମୃତି ରଞ୍ଜନ ମହାଲିକ)

ସାତ୍ତ୍ୱିକ ସୋଲ ଫାଉଣ୍ଡେଶନ ଓ ରୋଲାଣ୍ଡ ଇନିଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଏମବିଏ ବିଭାଗର ମିଳିତ ଆନୁକୁଲ୍ୟରେ ବୁଧବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାୟୀ ବିକାଶ ବ୍ୟବସାୟ ଉପରେ ଆଲୋଚନା ହୋଇଥିଲା। ଫାଉଣ୍ଡେସନର ଜିଲା ସଂଯୋଜକ ଭାରତ ଗୌରବ ଦାସ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ରୋଲାଣ୍ଡ କଲେଜର ଅଧ୍ୟକ୍ଷ ଡ ସୁଶାନ୍ତ କୁମାର ପାତ୍ର, ଉପାଧ୍ୟକ୍ଷ ଡ. ସଞ୍ଜିତ କୁମାର ଆଚାର୍ଯ୍ୟ, ନିର୍ଦ୍ଦେଶକ ଡ. ଜେ ଶ୍ରୁତି ଓ ସଭାପତି ଜୟଲକ୍ଷ୍ମୀଙ୍କ ସମେତ ୫୦ରୁ ଅଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଭାରତ ଗୌରବଙ୍କୁ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେସନ ପକ୍ଷରୁ ସୁନିତା ନାୟକ, କଷିଶ ଅଧିକାରୀ ଓ ଚିରଞ୍ଜିବ ବାଡତ୍ୟାଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ।

## ଜିଲାରେ ୮୫% ଭୌତିକ ଚିକିତ୍ସକ ପଦ ଖାଲି

ବ୍ରହ୍ମପୁର,୨୦।୩(ସୁବାଷ ଚନ୍ଦ୍ର ପାଢ଼ୀ):

**ମଞ୍ଜୁର ହୋଇଛି ୨୨, ଅଛନ୍ତି ୩**

ସସମ୍ପ୍ରତି ଭୌତିକ ଚିକିତ୍ସାର ଚାହିଦା ଦିନକୁ ଦିନ ବଢିଚାଲିଛି। ଡାକ୍ତରଖାନାରେ ଭୌତିକ ଚିକିତ୍ସା (ଫିଜିଓଥେରାପି) ଆବଶ୍ୟକତା କରୁଥିବା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଗଞ୍ଜାମ ଜିଲାରେ ୮୫ ପ୍ରତିଶତ ଭୌତିକ ଚିକିତ୍ସକ ପଦ ଖାଲି ପଡିବା ସ୍ୱାସ୍ଥ୍ୟ ବିଭାଗର ପାରିବାପଣିଆକୁ ପଦାରେ ପକାଇଛି।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭୌତିକ ଚିକିତ୍ସାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଜିଲାରେ ସମନ୍ୱିତ ଭୌତିକ ଚିକିତ୍ସା ୟୁନିଟ ଖୋଲାଯାଇଛି । ଶିଶୁଠାରୁ ଆରମ୍ଭ କରି ବରିଷ୍ଠ ନାଗରିକଙ୍କ ପାଇଁ ଏହି ଚିକିତ୍ସାର ଆବଶ୍ୟକତା ପଡୁଛି । ଦୁର୍ଘଟଣାରେ ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଅସ୍ତ୍ରୋପଚାର ପରେ ଏହି ଚିକିତ୍ସା ଦରକାର। ପକ୍ଷାଘାତରେ ପୀଡିତଙ୍କ ଠାରୁ ଆରମ୍ଭ କରି କୌଣସି କାରଣରୁ ଶରୀରର ଅଙ୍ଗ ଅଚଳ ହୋଇପଡିଥିବା ବ୍ୟକ୍ତିଙ୍କୁ ଏହି ଚିକିତ୍ସା ଆବଶ୍ୟକ। ସେହିପରି କୁଷ୍ଠ ରୋଗୀଙ୍କୁ ଏହି ଚିକିତ୍ସା ଜରୁରୀ। ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ଡିଇଆଇସି କୋଠାରେ ସମନ୍ୱିତ ଭୌତିକ ଚିକିତ୍ସା କେନ୍ଦ୍ର ରହିଛି । ଜିଲାର ୪ ଉପଖଣ୍ଡ ଚିକିତ୍ସାଳୟରେ ମଧ ଭୌତିକ ଚିକିତ୍ସକ ନିଯୁକ୍ତି ପାଇଁ ଯୋଜନା ହୋଇଛି । ହେଲେ ଜିଲାରେ ୮୫ ପ୍ରତିଶତ ଭୌତିକ ଚିକିତ୍ସକ ପଦବୀ ବର୍ଷାଧିକ କାଳ ଖାଲି ରହିଛି । ଜିଲା ମୁଖ୍ୟ ଚିକିତ୍ସାଳୟର କେନ୍ଦ୍ରରେ ଜଣେ ଭୌତିକ ଚିକିତ୍ସକ ଥିବା ବେଳେ ୨ଟି ପଦ ଖାଲି ପଡିଛି । ଏଠାକୁ ପ୍ରତ୍ୟେକ ଦିନ ୩୦ରୁ ଅଧିକ ରୋଗୀ ଆସୁଛନ୍ତି । ରୋଗୀଙ୍କ ଚିକିତ୍ସା ପାଇଁ ଏଠାରେ ଫିଜିଓଟ୍ରାକ ଟେନ୍ସ ମେଶିନ, ଟ୍ରାକସନ, ଲଙ୍ଗୱେଭ ଥାଇଥେମେରି ମେଶିନ ସହ ବୃଦ୍ଧ ଠାରୁ ଆରମ୍ଭ କରି ପକ୍ଷାଘାତ ରୋଗୀଙ୍କ ପାଇଁ ଆବଶ୍ୟକ ହେଉଥିବା ସମସ୍ତପ୍ରକାର ଛୋଟବଡ ସରଞ୍ଜାମ ଉପଲବ୍ଧ ରହିଛି । ନିକଟରେ ସମନ୍ୱିତ ଫିଜିଓଥେରାପି ୟୁନିଟ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ମଧ ରହିଛି। ହେଲେ ରୋଗୀଙ୍କ ତୁଳନାରେ ଚିକିତ୍ସକ ନଥିବାରୁ ପର୍ଯ୍ୟାପ୍ତ ସେବା ମିଳୁନାହିଁ। ଜିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୨ ଭୌତିକ ଚିକିତ୍ସକ ପଦ ମଞ୍ଜୁର ହୋଇଥିବା ବେଳେ ସମୁଦାୟ ୩ ଚିକିତ୍ସକ ଅଛନ୍ତି । ୧୯ ପଦବୀ ଖାଲି ପଡିଛି । ପଦବୀ ପୁରଣ ଦିଗରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବା ଉଚିତ ବୋଲି ଦାବି ହେଉଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ( ସିଡ଼ିଏମଓ) ଡା. ଉମାଶଙ୍କର ମିଶ୍ରଙ୍କୁ ପଚାରିବାରେ ଜିଲାରେ ଭୌତିକ ଚିକିତ୍ସକ ପଦବୀ ପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି କହିଛନ୍ତି।

## ଗଞ୍ଜାମ ଯୁବ କଂଗ୍ରେସର ନ୍ୟାୟ ଗ୍ୟାରେଣ୍ଟି କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୦।୩(ନରସିଂହ ସାହୁ)

**ସଫଳତା ପାଇଁ ଶପଥ ନେଲେ ଯୁବ କର୍ମୀ**





କାର୍ଯ୍ୟକ୍ରମରେ ଯୁବନେତାମାନେ

ଗଞ୍ଜାମ ଜିଲା ଯୁବ କଂଗ୍ରେସର ଯୁବ ନ୍ୟାୟ ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ବୁଧବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମରେ ଆୟୋଜିତ ସମାବେଶରେ ସମ୍ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶାସନରେ ଯୁବ ଗୋଷ୍ଠୀ ପ୍ରତିକୂଳ ସ୍ଥିତିର ସାମ୍ନା କରୁଥିବା ଅଭିଯୋଗ କରାଯାଇଥିଲା। ଏହାର ସମାଧାନ ପାଇଁ ରାହୁଲ ଗାନ୍ଧୀ ଯୁବତୀ ଓ ଯୁବକଙ୍କୁ ନ୍ୟାୟ ପ୍ରଦାନ ଲାଗି ଯେଉଁ ୫ଟି ନ୍ୟାୟ ଗ୍ୟାରେଣ୍ଟି ଦେଇଥିଲେ ତାହାକୁ ଏହି ଜିଲାରେ ବ୍ୟାପକ ପ୍ରଚାର ଓ ପ୍ରସାର ନିମନ୍ତେ ଆହ୍ୱାନ ଦିଆଯାଇଥିଲା। ଯୁବ କଂଗ୍ରେସ ଜିଲା ସଭାପତି ବିକାଶ ନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଯୁବ ନ୍ୟାୟ ଗ୍ୟାରେଣ୍ଟି ପୋଷ୍ଟର ଉନ୍ମୋଚିତ ହୋଇଥିଲା।

ଚଳିତ ସାଧାରଣ ନିର୍ବାଚନରେ ଯେଭଳି କଂଗ୍ରେସ ଶାସନ କ୍ଷମତାକୁ ଆସିବ ସେଥିନିମନ୍ତେ ଯୁବ କଂଗ୍ରେସ କର୍ମୀମାନେ ନିଷ୍ଠାପର ପ୍ରୟାସ କରିବାକୁ ଆହ୍ୱାନ ଦିଆଯାଇଥିଲା। କଂଗ୍ରେସର ଏହି ପ୍ରତିଶ୍ରୁତିଗୁଡ଼ିକ ସବୁ ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରରେ ଯୁବ ଗୋଷ୍ଠୀଙ୍କୁ ସଚେତନ କରାଇବା ପାଇଁ ସମାବେଶରେ ଯୁବକର୍ମୀଙ୍କୁ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଚିନ୍ମୟ କୁମାର ହୋତା, ଜିଲା ଯୁବ କଂଗ୍ରେସ ଉପସଭାପତି ସୁପ୍ରଭା କୁମାରୀ ଦାସ, ମହାନଗର ଯୁବ କଂଗ୍ରେସ ସଭାପତି ତତସତ୍ ସୁବୁଦ୍ଧି, ଛତ୍ରପୁର ଯୁବ କଂଗ୍ରେସ ସଭାପତି ରଂଜିତ ରଥ, ଚିକିଟି ଯୁବ କଂଗ୍ରେସ ସଭାପତି ଦିବ୍ୟଞ୍ଜୟ ସାହୁ, ସୋରଡ଼ାର ସଭାପତି ପ୍ରଫୁଲ ମଲିକ, ଇଲୁ ଅମିନ ଖାଁ, ସଂଗ୍ରାମ ରାଉତ, ଆତଶଦ ଦଳେଇ, ନରେଶ ଘଡ଼େଇ, ଜଗନ୍ନାଥ ନାୟକ, ଦେବବ୍ରତ ପାଢ଼ୀ, ଟିକିନା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ସ୍ପଷ୍ଟୀକରଣ ମାଗିଲା ସ୍ୱାସ୍ଥ୍ୟ ବିଭାଗ

- ଯାଜପୁରରୋଡ୍, ଦାନଗଦି ସିଏଚ୍‌ସିରେ ୨ କ୍ୟାମ୍ପସ ମେଡିସିନ ଷ୍ଟୋର
- ସରକାରୀ ଉଚ୍ଛେଦ ପ୍ରକ୍ରିୟା ୯ ବର୍ଷ ପୁରୁଣା
- ଗରିବ ରୋଗୀ ଅଯଥାରେ ଖର୍ଚ୍ଚାନ୍ତ

**ଯାଜପୁର,୨୦।୩(ହର୍ଷବର୍ଦ୍ଧନ ବେହେରା):**

ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଔଷଧ ଦୋକାନ(କ୍ୟାମ୍ପସ ମେଡିକାଲ ଷ୍ଟୋର) ଉଚ୍ଛେଦ ପ୍ରକ୍ରିୟା ୯ ବର୍ଷ ପୁରୁଣା। ସ୍ୱାସ୍ଥ୍ୟକେନ୍ଦ୍ରରେ ନିରାମୟ ଯୋଜନା ଆରମ୍ଭ ହେବା ପରେ କ୍ୟାମ୍ପସ ମେଡିସିନ ଷ୍ଟୋରର ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ମଧ୍ୟ ରୁଜୁ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଇତିମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକାଧିକ ଥର ପତ୍ର ମାଧ୍ୟମରେ ପଦକ୍ଷେପ ନିଆଯାଇଛି। ହେଲେ କ୍ୟାମ୍ପସ ମେଡିସିନ ଷ୍ଟୋର ଉଠିବା ବଦଳରେ ସେହି ଦୋକାନର ନବକଳେବର ହେଉଥିବା ଦେଖିବାକୁ ମିଳିଛି। ଏହି ପ୍ରକ୍ରିୟାରେ ସ୍ୱାସ୍ଥ୍ୟ ବିଭାଗର କେତେକ ଅଧିକାରୀ ଓ ସମ୍ପୃକ୍ତ ମେଡିସିନ ଷ୍ଟୋର ମାଲିକଙ୍କ ମଧ୍ୟରେ ଏକ ବଡ଼ଧରଣର ଡିଲ ହେଉଥିବା ଚର୍ଚ୍ଚା



ଯାଜପୁର ସିଏଚ୍‌ସି ପରିସରରେ ଥିବା ମେଡିସିନି ଷ୍ଟୋର।

ହେଉଛି। ତେବେ ଗତ ୧୬।୩।୨୦୨୪ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଯୁଗ୍ମ ସଚିବ ମମତା ବାରିକ ରାଜ୍ୟର ସମସ୍ତ ମେଡିକାଲ କଲେଜର ଡିନ୍, ପ୍ରିନ୍ସିପାଲ ଓ ଅଧୀକ୍ଷକ, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ରାଉରକେଲା ଆରଜିଏଚ୍‌ର ନିର୍ଦ୍ଦେଶକ ଏବଂ ସିଡିଏମ୍‌ଓମାନଙ୍କୁ କ୍ୟାମ୍ପସ ମେଡିସିନ ଷ୍ଟୋର ସମ୍ପର୍କରେ ସ୍ପଷ୍ଟୀକରଣ ମାଗିଛନ୍ତି। ଉକ୍ତ ସ୍ପଷ୍ଟୀକରଣରେ ଗତ ୨୭।୨।୨୦୧୫ ପୂର୍ବରୁ ଏବଂ ଆଜି ପର୍ଯ୍ୟନ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ କେତୋଟି କ୍ୟାମ୍ପସ ମେଡିସିନ ଷ୍ଟୋର ଚାଲିଥିଲା ଓ ଚାଲିଛି ତା'ର ରିପୋର୍ଟ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଓ ଯାଜପୁରରୋଡ ସିଏଚ୍‌ସି ଏକ ପ୍ରକାର ନର୍ସିଂହୋମରେ ପରିଣତ ହୋଇଛି । ନିରାମୟ ଯୋଜନାରେ ସମସ୍ତଙ୍କୁ ମାଗଣାରେ ଔଷଧ ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମସଚିବ ଗତ ୨୭।୨।୨୦୧୫ ତାରିଖରୁ କ୍ୟାମ୍ପସ ମେଡିସିନ ଷ୍ଟୋରକୁ ବାରଣ କରି ଆସୁଥିଲେ ହେଁ ତାହା ଏହି ଦୁଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗୁ ହୋଇ ପାରିନାହିଁ । ଆଇନ କାନୁନରେ ଛନ୍ଦି ହୋଇ ଏହି ମାମଲା ଦିନ ଗଡ଼ି ଚାଲିଛି। ଏହି ନିର୍ଦ୍ଦେଶର ୯ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉପଯୁକ୍ତ ଯୁକ୍ତି ଦର୍ଶାଇ ପାରୁ ନ ଥିବାରୁ ମାଲିକମାନେ କୋର୍ଟ କଚେରିର ଦ୍ୱାରସ୍ଥ ହୋଇ ସ୍ଥଗିତାଦେଶ ଆଣି ପୁଣି କ୍ୟାମ୍ପସ ମେଡିକାଲ ଷ୍ଟୋର ଚଳାଇବାରେ ସଫଳ ହେଉଛନ୍ତି। ଏହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇବା ସହିତ ସରକାରଙ୍କ ନିର୍ଦ୍ଦେଶ ଓ ଯୋଜନାର କାର୍ଯ୍ୟକାରିତାକୁ ନେଇ ସଂଶୟ ପ୍ରକାଶ ପାଇଛି । ସରକାର ମାଗଣାରେ ରକ୍ତ, ମୂତ୍ର, ମଳ, କଫ ଓ ଅନ୍ୟାନ୍ୟ ପରୀକ୍ଷା କରିବା ସହିତ ସମସ୍ତ ପ୍ରକାର ଔଷଧ ଯୋଗାଇ ଦେବାକୁ ବ୍ୟବସ୍ଥା କରିଛନ୍ତି । ଏଥିପାଇଁ ସିଏଚ୍‌ସିଗୁଡ଼ିକୁ ନିରାମୟ ଯୋଜନାରେ ୨୭୨ ପ୍ରକାର ବହୁ ମୂଲ୍ୟବାନ ଔଷଧ ଯୋଗାଇ ଦିଆଯାଉଛି। ତଥାପି ଯାଜପୁର ଜିଲାର ଯାଜପୁରରୋଡ ଏବଂ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମେଡିସିନ ଦୋକାନ ଥିବାରୁ ଡାକ୍ତରମାନେ ସୁବିଧା ଦେଖି ବାହାର ମେଡିସିନ ଲେଖୁଛନ୍ତି। ଏଣୁ ବାଧ ହୋଇ ପ୍ରତିଦିନ ବହୁ ରୋଗୀ ଡାକ୍ତରଖାନା ପରିସରରେ ଥିବା ଔଷଧ ଦୋକାନ ଉପରେ ନିର୍ଭର କରୁଛନ୍ତି। ଡାକ୍ତର ପ୍ରେସ୍କ୍ରିପସନ ଲେଖିବା ସମୟରେ ସରକାରୀ ଡାକ୍ତରଖାନାରେ ଉପଲବ୍ଧ ଔଷଧ ଲେଖିବାକୁ କଡ଼ା ତାଗିଦା କରାଯାଇଥିଲେ ହେଁ ଏଠାରେ ତାହାର ସମ୍ପୂର୍ଣ୍ଣ ଓଲଟା ହେଉଛି । ଏପରି କି ବାଧ ହୋଇ ପ୍ରତିଦିନ ବହୁ ରୋଗୀ ବାହାର ପାଥୋଲାବ୍‌କୁ ଯାଇ ଆବଶ୍ୟକ ପରୀକ୍ଷାନିରୀକ୍ଷା କରୁଥିବା ଦେଖିବାକୁ ମିଳୁଛି । ଏହି ଡାକ୍ତରଖାନାରେ ପରୀକ୍ଷାଗାର ରହିଥିଲେ ହେଁ ରୋଗୀଙ୍କୁ ଜାଣିଶୁଣି ଅଧିକ ଖର୍ଚ୍ଚାନ୍ତ ଆଡକୁ ଠେଲି ଦିଆଯାଉଛି । ସରକାରଙ୍କ ମାଗଣା ସେବାକୁ ଡାକ୍ତରଖାନା କର୍ତ୍ତୃପକ୍ଷ ବିକ୍ରି କରି ଦେଉଥିବା ମନେହେଉଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୧୨୦ ବର୍ଗଫୁଟ ପରିମିତ ସରକାରୀ ଜାଗା ଯୋଗାଇ ଦିଆଯାଇ କ୍ୟାମ୍ପସ ମେଡିସିନ ଷ୍ଟୋର ଖୋଲିବାକୁ ପରୋକ୍ଷରେ ଉସୁକାଯାଉଛି ବୋଲି ମତପ୍ରକାଶ ପାଇଛି । ଏ ସଂକ୍ରାନ୍ତରେ ଜିଲା ସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପତ୍ର ଅନୁସାରେ କ୍ୟାମ୍ପସ ମେଡିକାଲ ଷ୍ଟୋର ସଂକ୍ରାନ୍ତରେ ରିପୋର୍ଟ ପ୍ରଦାନ କରାଯାଇଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ସଂକ୍ଷେପରେ

### ସାମାଜିକ କର୍ମୀଙ୍କ ସହାୟତାରେ ପଠାଗଲା ମୃତଦେହ

**ବରୀ,୨୦।୩(ମହେନ୍ଦ୍ର ସ୍ୱାଇଁ):**

ବରୀ ନିର୍ବାଚନମଣ୍ଡଳୀ ଅଧୀନ ଏରବାଙ୍କ ପଞ୍ଚାୟତ ଇନ୍ଦାରୋଇ ଗ୍ରାମରେ ରହି କାମ କରୁଥିବା କେନ୍ଦୁଝର ଜିଲାର ଆଦିବାସୀ ବ୍ୟକ୍ତି ଭାଗିରଥି ମୁଣ୍ଡା(୪୫)ଙ୍କ ଆକଳ ମୃତ୍ୟୁ ହୋଇଛି। ତାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ମୃତଦେହ ଗାଁକୁ ନେବାକୁ ଅସମର୍ଥ ପ୍ରକାଶ କରିଥିଲେ। ଏନେଇ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ଅଧିକାରୀ ଆସି ନ ଥିଲେ। ଶେଷରେ ବରୀ ଅଞ୍ଚଳର ଯୁବ ସାମାଜିକ କର୍ମୀ ସଞ୍ଜୀବ ଜେନା, ଭୁବନେଶ୍ୱର ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ସଂଗଠନ ଆଲଟ୍‌ର ପ୍ରେସିଡେଣ୍ଟ ଡ. ନାରାୟଣ ବାରିକ୍‌ଙ୍କ ସମେତ ଇନ୍ଦାରୋଇ ଗ୍ରାମର କେତେଜଣ ଯୁବକଙ୍କ ଆର୍ଥିକ ସହାୟତାରେ ମୃତଦେହ ତାଙ୍କ ଘରକୁ ପଠାଯାଇଛି। ସରକାର ଶ୍ରମିକମାନଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବାବେଳେ ଏଠାରେ ଜଣେ ଆଦିବାସୀ ସମ୍ପ୍ରଦାୟ ଶ୍ରମିକଙ୍କ ମରଶରୀରକୁ ପଠାଇବାକୁ ଗୁରୁତ୍ୱ ନ ଦେବା ସରକାରୀ ଯୋଜନାର ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶାସନର ଏଭଳି ଅବହେଳିତ ମନୋଭାବକୁ ବହୁ ବୁଦ୍ଧିଜୀବୀ ନିନ୍ଦା କରିଛନ୍ତି।

### ଗଡ଼ମଧୁପୁର ମା'ମଙ୍ଗଳାଙ୍କ ଯଜ୍ଞ ଉଦ୍‌ଯାପିତ



**ଚଢ଼େଇଧରା,୨୦।୩(ଦିଲୀପ ପରିଡ଼ା):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ସ୍ଥିତ ମା'ମଙ୍ଗଳାଙ୍କ ବାର୍ଷିକ ଯଜ୍ଞ ଉତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଭାବଦେଇ ପୋଖରୀରୁ କଳସ ଶୋଭାଯାତ୍ରା କରାଯାଇଥିଲା। ପରେ ସୂର୍ଯ୍ୟପୂଜା ଓ ଗୋ ପୂଜା କରାଯାଇ ଯଜ୍ଞ କରାଯାଇଥିଲା। ମା'ଙ୍କ ମନ୍ଦିରକୁ ରଙ୍ଗିନ ଆଲୋକ ମାଳାରେ ସଜ୍ଜିତ କରାଯାଇଥିଲା। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ।

## ଛେନାଗୁଡ଼ ଖିଆ ଗୋପୀନାଥଙ୍କ ବାର୍ଷିକୋତ୍ସବ

**ଛତିଆ,୨୦।୩(ସୌମ୍ୟରଞ୍ଜନ ସାହୁ):**

ବଡ଼ଚଣା ବ୍ଲକ୍ ଅଧୀନ ଛତିଆ ନିକଟ କଇଥା ପଞ୍ଚାୟତ ଗୋଠମୁହଁ ଗ୍ରାମର ଛେନାଗୁଡ଼ ଗୋପୀନାଥଙ୍କ ବାର୍ଷିକୋତ୍ସବ ଦୁଇ ଦିନ ଧରି ପାଳିତ ହୋଇଯାଇଛି। ପ୍ରଥମ ଦିନରେ ସ୍ଥାନୀୟ ଜଶରାଜପୁର ଶୈବ ପୀଠ ଘାଟରୁ ଗୋପୀନାଥ ମନ୍ଦିର ପର୍ଯ୍ୟନ୍ତ ଏକ ବିରାଟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଟକ ଜିଲା ଟାଙ୍ଗୀ ବ୍ଲକର ଟାଙ୍ଗୀ, ଗୋବିନ୍ଦପୁର, ଅଡ଼ମ୍ବରୁ, ନହରା, ମାହାଙ୍ଗା ବ୍ଲକର କଇଥା, ସମସରପୁର, ଯାଜପୁର ଜିଲାର ଛତିଆ, ନେଳିଆ ସୋଲର ଆଦି ପଞ୍ଚାୟତର ୩୦୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷଙ୍କ ଏହି କଳସ ଶୋଭାଯାତ୍ରା ବିଭିନ୍ନ ଗାଁ ପରିକ୍ରମା କରି ପ୍ରଭୁ ଗୋପୀନାଥଙ୍କ ମନ୍ଦିରରେ ପହଞ୍ଚିଥିଲା। ପରେ ବ୍ରାହ୍ମଣମାନଙ୍କ ମନ୍ତ୍ର ଧ୍ୱନିରେ ସମଗ୍ର ଅଞ୍ଚଳ କମ୍ପି ଉଠିଥିଲା। ଦ୍ୱିତୀୟ ଦିନରେ ଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରଯାଇଥିଲା। ଗୋଠମୁହଁ ଗାଁ ସଭାପତି ଭଗବାନ ପାଲ, ସମ୍ପାଦକ ଗୋପାଳ ନାଥଙ୍କ ପରିଚାଳନାରେ ଦିଲୀପ କୁମାର ଦାସ, ଶୁସାନ୍ତ କୁମାର ସାହୁ, ସାମ୍ବାଦିକ କମଳାକାନ୍ତ ପାଲ, ଅଜୟ କୁମାର ନାଥ, ଲକ୍ଷ୍ମୀଧର ନାୟକ, ଦୀପକ କୁମାର ଷେଣ୍ଠ, ଉପେନ୍ଦ୍ର ସାହୁ ଓ କପିଳ ଚରଣ ପାଲଙ୍କ ସମେତ ଗୋଠମୁହଁ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ସହଯୋଗ କରିଥିଲେ।



ବଡ଼ଚଣା ବ୍ଲକ୍ କଇଥା ପଞ୍ଚାୟତ ଗୋଠମୁହଁ ଗ୍ରାମର ଛେନାଗୁଡ଼ ଖିଆ ଗୋପୀନାଥଙ୍କ ବାର୍ଷିକୋତ୍ସବ ଅବସରରେ ଅନୁଷ୍ଠିତ କଳସ ଶୋଭାଯାତ୍ରା।

# ପୂର୍ବତନ ସରପଞ୍ଚଙ୍କ ସମେତ ୫ ଜଣଙ୍କ ନାଁରେ ଚାର୍ଜଶିଟ୍

**ଧର୍ମଶାଳା,୨୦।୩(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପଞ୍ଚାୟତ ଇମାମ୍‌ନଗର ଗାଁରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହୋଇଥିବା ଦୁର୍ନୀତିର ତଦନ୍ତ କରି ଭିଜିଲାନ୍‌ସ ବିଭାଗ ଲୋକାଯୁକ୍ତଙ୍କ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ପୂର୍ବତନ ସରପଞ୍ଚ ରୀନା ମଲିକଙ୍କ ସମେତ ସହକାରୀ ଯନ୍ତ୍ରୀ ଯତୀନ୍ଦ୍ର ମୋହନ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତୀ ଗଡ଼ନାୟକ, ତତ୍କାଳୀନ ପିଇଓ ନିର୍ମଳ ଚନ୍ଦ୍ର ପଣ୍ଡା ଓ ଜିଆର୍‌ଏସ୍ ଚିନ୍ମୟୀ କରଙ୍କ ବିରୋଧରେ ଏହି ଚର୍ଜସିଟ୍ ଦାଖଲ କରାଯାଇଛି। ମିଥ୍ୟା କାଗଜପତ୍ର ମାଧ୍ୟମରେ ଏମାନେ ୨ ଲକ୍ଷ ୨୪ହଜାର ୬୧୫ଟଙ୍କା ସରକାରୀ ଅର୍ଥ ଆତ୍ମସାତ କରିଥିବା ତଦନ୍ତରୁ ଜଣାପଡ଼ିଥିବା ଚାର୍ଜସିଟ୍‌ରେ ଉଲ୍ଲେଖ କରାଯାଇଛି। ଦୁର୍ନୀତି ନିବାରଣ ୨୦୧୮ ଅଧିନିୟମ ଅନୁସାରେ ୪୬୭, ୪୭୧, ୪୭୭ଏ, ୪୦୯ ଓ ୧୨୦(ବି) ଦଫାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି।

ସୂଚନା ଅନୁଯାୟୀ, ବନ୍ୟା ପ୍ଲାବିତ ଇମାମ୍‌ନଗର ଗାଁ ରାସ୍ତା ଉଚ୍ଚତା ବଢ଼ାଇବା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୦/୨୧ ଆର୍ଥିକ ବର୍ଷରେ ଗ୍ରାମର ଅକ୍ଷୟ ପାଳଙ୍କ ଘର ନିକଟରୁ ସୁନାକର ରାଉତଙ୍କ ଘର ପର୍ଯ୍ୟନ୍ତ ୨୮୦ ମିଟର ମାଟିରାସ୍ତା ମରାମତିରେ ୨ଲକ୍ଷ ୯୩ ହଜାର ୯୧୦ ଟଙ୍କା ଖର୍ଚ୍ଚ ହୋଇଥିବା ବିଲ୍ ହୋଇଥିଲା। ହେଲେ ଦାୟିତ୍ୱରେ ଥିବା ଠିକାଦାର ମାତ୍ର ୯୦ ମିଟର ରାସ୍ତାକାମ କରି ୨୮୦ ମିଟର କାମ କରିଛନ୍ତି ବୋଲି କାଗଜପତ୍ର ପ୍ରସ୍ତୁତକରି ଉକ୍ତ ଅର୍ଥ ଉଠାଇ ନେଇଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଥିଲା। ତାହା ପୁଣି ବ୍ୟକ୍ତିଗତ ଜମିରେ ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାଯୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଜୁନ୍ ୨୨ରେ ଲୋକାଯୁକ୍ତଙ୍କ ଅଦାଲତରେ ୧୩୪/୨୦୨୨(ବି-୧)ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଠିକାଦାର ନିୟମାନୁସାରେ କାମ ନକରି ବେଆଇନ ଭାବେ ଶ୍ରମିକଙ୍କ ବଦଳରେ ଟ୍ରକ୍ ଓ ମେଶିନ ବ୍ୟବହାର କରିଥିଲେ। ଏଭଳି ଏକ ସଙ୍ଗୀନ୍ ଅଭିଯୋଗର ଶୁଣାଣି କରି ଲୋକାଯୁକ୍ତ ତାଙ୍କ ନିଜସ୍ୱ ତଦନ୍ତକାରୀ ଟିମ୍ ଓ ପରେ ଭିଜିଲାନ୍ସ ବିଭାଗକୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ତତ୍କାଳୀନ ବିଡିଓ ଅରବିନ୍ଦ ବେହେରା ଓ ପୂର୍ବତନ ସରପଞ୍ଚ ରୀନା ମଲିକଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଉକ୍ତ ପ୍ରକଳ୍ପ ନିର୍ମାଣ ନାଁରେ ହଡ଼ପ ହୋଇଥିବା ୨ ଲକ୍ଷ ୨୧ ହଜାର ୪୬୮ ଟଙ୍କା ତତ୍କାଳୀନ ସରପଞ୍ଚ, ବ୍ଲକ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପିଇଓ ଓ ଜିଆର୍‌ଏସ୍‌ଙ୍କଠାରୁ କାହିଁକି ଆଦାୟ କରା ନ ଯିବ ବୋଲି ପୂର୍ବତନ ବିଡିଓ ବେହେରା ସେ ସମୟରେ ପତ୍ରସଂଖ୍ୟା-୩୫୯୭ରେ କୈଫିଅତ୍ ତଲବ୍ କରିଥିଲେ।

### ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ଆକ୍ରମଣ କରି ଲୁଟ୍

**ବୈଶିଙ୍ଗା,୨୦।୩(ରତନ ଦାଶ)**

ବୈଶିଙ୍ଗା ଥାନା ଅନ୍ତର୍ଗତ ଧନାପାଳ ଗ୍ରାମରେ ଶ୍ୱଶୁର ଘରକୁ ବୁଲିବାକୁ ଆସିଥିବା ଜ୍ୱାଇଁ ଆକ୍ରମଣର ଶିକାର ହୋଇଛନ୍ତି। ବଡ଼ସାହି ଅଞ୍ଚଳର ଶ୍ରୀମାନ ସିଂ ନାମକ ବ୍ୟକ୍ତି ନିଜ ଶ୍ୱଶୁର ଘର ଧନାପାଳ ଗ୍ରାମକୁ ବୁଲି ଆସିଥିବା ବେଳେ ତାଙ୍କ ସମ୍ପର୍କୀୟ ଶଳା ଶିବ ସିଂ ତାଙ୍କ ସହଯୋଗୀ ସପନ ସିଂଙ୍କ ସହିତ ମିଶି ଶ୍ରୀମାନଙ୍କୁ ଏକ ନିଛାଟିଆ ସ୍ଥାନକୁ ଡ଼ାକି ନେଇଯାଇଥିଲେ। ସେଠାରେ ଉଭୟେ ମିଶି ଶ୍ରୀମାନଙ୍କୁ ମାଡ଼ ମାରି ହାତଗୋଡ ବାନ୍ଧି ପକାଇ ତାଙ୍କ ମୋବାଇଲ ଓ ପାଖରେ ଥିବା ୫ ହଜାର ଟଙ୍କା ଛଡ଼ାଇ ନେଇ ପଳାଇଯାଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା(ନଂ. ୭୩/୨୪) ରୁଜୁ ମୁଖ୍ୟ ଅଭିଯୁକ୍ତ ସପନଙ୍କୁ ଗିରଫ କରିଥିବା ବେଳେ ଅନ୍ୟତମ ଅଭିଯୁକ୍ତ ଶିବ ଫେରାର ଥିବା ପୋଲିସ କହିଛି।

### ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଯୋଡ଼ା,୨୦।୩(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି କଣ୍ଡରା ବସ୍‌ଷ୍ଟାଣ୍ଡ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଣ୍ଡରା ଗ୍ରାମର ପ୍ରସନ୍ନ ନାଏକ(୪୮)। ସେ ମଙ୍ଗଳବାର ରାତି ପ୍ରାୟ ୧୦ ଟା ବେଳେ ଉକ୍ତ ଛକ ନିକଟରେ ବୁଲୁଥିବା ସମୟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ୩ ବଖରା ଜଳିଗଲା, ବିପୁଳ ସମ୍ପତ୍ତି ନଷ୍ଟ

**ଚଣ୍ଡିଖୋଲ,୨୦।୩(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ପଞ୍ଚାୟତର ବାତୋ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଗୁଣନିଧି ରାଉତଙ୍କ ୩ ବଖରା ଘର ଜଳିଯିବା ସହ ବିପୁଳ ସମ୍ପତ୍ତି ନଷ୍ଟ ହୋଇଯାଇଛି। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହେଲେ ସେତେବେଳକୁ ସବୁକିଛି ଜଳି ପାଉଁଶ ହୋଇ ଯାଇଥିଲା। ନିଆଁ ଲାଗିବାର କାରଣ ଜଣା ପଡ଼ି ନ ଥିଲେ ମଧ୍ୟ ବିଦ୍ୟୁତ୍ ସର୍ଟ ଶର୍କିଟ ଯୋଗୁ ଏଭଳି ଘଟିଥାଇ ପାରେବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

ଘଟଣାପରେ ଉଦିୟମାନ ସ୍ୱେଚ୍ଛାସବୀ ସଂଗଠନର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ସାହାଯ୍ୟର ହାତ ବଢ଼ାଇଛନ୍ତି। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଅଭିରାମ ପରମହଂସଙ୍କ ଧର୍ମ ସମ୍ମିଳନୀ

**ଧର୍ମଶାଳା,୨୦।୩(ବଟକୃଷ୍ଣ ପରିଡ଼ା):**

ଜଗତଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସଦେବଙ୍କ ଭକ୍ତ ମିଳନ ଓ ସନାତନ ଧର୍ମ ସମ୍ମିଳନୀ ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ଜେମାଶୁଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ୧୭ ତାରିଖରେ ନଗର ପରିକ୍ରମା ପରେ ସମ୍ମିଳନୀ ଆରମ୍ଭ ହୋଇଥିଲା। ଏହାକୁ ବାବାଜୀ ହରେକୃଷ୍ଣ ଦାସମହାରାଜ ଉଦ୍‌ଘାଟନ କରିଥିଲେ। ୩ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବର ପ୍ରଥମ ଦିବସରେ ପ୍ରବଚକ ଡ. ଚିଦାନନ୍ଦ ବ୍ରହ୍ମଚାରୀ ଯୋଗ ଦେଇଥିଲେ। ଗାୟିକା ଚିନ୍ମୟୀ ଶତପଥୀ ଓ ସାଥୀମାନେ ପାଲା ପରିବେଷଣ କରିଥିଲେ। ଦ୍ୱିତୀୟ ଦିବସ ପ୍ରବଚନ ସଭାରେ ବାବାଜୀ ସଦାନନ୍ଦ ଦାସ ମହାରାଜ ସଭାପତିତ୍ୱ କରିଥିବାବେଳେ ଅତିଥି ଭାବେ ପୂର୍ବତନ ସାଂସଦ କବି ଡ. ପ୍ରସନ୍ନ ପାଟ୍ଟଶାଣୀ ଯୋଗଦେଇ ସନାତନ ଧର୍ମ ଓ ଶ୍ରୀଅଭିରାମ ପରମହଂସଦେବଙ୍କ ଆଧ୍ୟାତ୍ମିକ ଚିନ୍ତା ସମ୍ପର୍କରେ ଆଲୋକପାତ କରିଥିଲେ।

ଜାରକା ଭକ୍ତ ଗୋଷ୍ଠୀ କମିଟି ପକ୍ଷରୁ ଡ. ଭିକାରୀ ଚରଣ ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ପ୍ରବଚକଭାବେ ହରେକୃଷ୍ଣ ଦାସ ମହାରାଜ, ଦତ୍ତତ୍ରୟ ଦାସ ମହାରାଜ, ନୀଳମଣି ଦାସ ମହାରାଜ, ବାବାଜୀ ବିଷ୍ଣୁଚରଣ ଦାସ ମହାରାଜ, ବାବାଜୀ ସତ୍ୟପ୍ରଜ୍ଞାନନ୍ଦ ଦାସ ମହାରାଜ ଯୋଗଦେଇ ସନାତନ ଧର୍ମ ସମ୍ପର୍କରେ ପ୍ରବଚନ ଦେଇଥିଲେ। ପରେ ଶ୍ରୀଅଭିରାମ ପରମହଂସଙ୍କ ଆଧାରିତ ଡ. ଭିକାରୀ ଚରଣ ସାମଲଙ୍କ ରଚିତ ଓ ନିର୍ଦ୍ଦେଶନାରେ ନାଟକ ମଞ୍ଚସ୍ଥ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରବଚକଭାବେ ସୋଆ ବିଶ୍ୱବିଦ୍ୟାଳୟର ଉପଦେଷ୍ଟା ପ୍ରଫେସର ଡ. ଅଶୋକ କୁମାର ମହାପାତ୍ର, ଧାନକୁଦ ପୀଠାଧିଶ ଆଚାର୍ଯ୍ୟ ପ୍ରେମସାଗର ବାବା ଅରକ୍ଷିତ ଦାସ ମହାରାଜ, ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ସଭାପତି ପଣ୍ଡିତ ପଦ୍ମନାଭ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଡ. ସାମଲଙ୍କ ରଚିତ ଲୀଳା ନାଟକ ପରିବେଷଣ କରାଯିବା ନେଇ ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଥିଲା। ଉତ୍ସବରେ ଯାଜପୁର ଜିଲାରୁ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।



ଅଭିରାମ ପରମହଂସ ଦେବଙ୍କ ଭକ୍ତ ସମ୍ମିଳନୀରେ ମଞ୍ଚାସୀନ ପ୍ରବଚକ।

## ଅଦିନିଆ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

**ଧର୍ମଶାଳା,୨୦।୩(ବଟକୃଷ୍ଣ ପରିଡ଼ା):**

କାଳବୈଶାଖୀ ପ୍ରଭାବରେ ଧର୍ମଶାଳା ବ୍ଲକ ଅଞ୍ଚଳରେ ବର୍ଷା ଲାଗିରହିଛି। ଅଦିନିଆ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସୋମବାର ଭୋର ସମୟରେ ବର୍ଷା ସାଙ୍ଗକୁ ତୁହାକୁତୁହା ପବନ ବହିଥିଲା। ଫଳରେ ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଓ ଗଛ ଉପୁଡ଼ି ପଡ଼ିଛି। ଛପର ଘର ଉଡ଼ିଯାଇଛି। ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିବା ଯୋଗୁ ଅନେକ ସ୍ଥାନରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ମଙ୍ଗଳବାର ରାତିରୁ ବୁଧବାର ଦିନତମାମ ଝିପଝିପ ବର୍ଷା ଲାଗିରହିଥିବାରୁ ଲୋକେ ଘରୁ ବାହାରିବା ସମ୍ଭବ ହେଉନାହିଁ। ବୁଧବାର ବ୍ଲକରେ ୨୨ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହି ଅଦିନିଆ ବର୍ଷାରେ ବିଲରେ ଥିବା ବାଦାମ ଚାଷ କ୍ଷତିଗ୍ରସ୍ତ ହୋଇଛି। ସେହିପରି ପୋଟଳ, ଟମାଟୋ, ଲଙ୍କା, କଖାରୁ ଆଦି ପନିପରିବାର ବ୍ୟାପକ କ୍ଷତି ହୋଇଛି। ଗୁରୁବାରଠାରୁ ପାଗ ସୁଖିଲା ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ତେବେ ବର୍ଷା ନ କମିଲେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ ବୋଲି କୁହାଯାଇଛି। ଲଗାଣ ବର୍ଷା ଯୋଗୁ ଜାରକା, ଧର୍ମଶାଳା, ନାକପୋଲ ଓ କାଏମା ଆଦି ବଜାର ଅଞ୍ଚଳରେ ରହିଥିବା ନାଳନର୍ଦ୍ଦମା ପୁରିଯାଇଛି। ଦିନ ମଜୁରିଆମାନେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ସେମାନେ କାମକୁ ଯାଇ ନ ପାରି ଘରେ ବସି ରହିଛନ୍ତି।

# ଆମ କଳିକା କେନ୍ଦ୍ର ଉଦ୍‌ଘାଟିତ



ଆମ କଳିକା କେନ୍ଦ୍ରକୁ ଅଧିକାରୀ ଉଦ୍‌ଘାଟନ କରୁଛନ୍ତି।

**ଚଣ୍ଡିଖୋଲ,୨୦।୩ (ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବଡ଼ଚଣା-୨ (ଗ୍ରାମୀଣ) ସମନ୍ୱିତ ଶିଶୁ ବିକାଶ ଅଧୀନରେ ଥିବା ପଲେଇ ପଞ୍ଚାୟତର ଶୁଖୁଆ ପଡ଼ା ଗ୍ରାମରେ ବୁଧବାର ଶିଶୁମାନଙ୍କ ସାମଗ୍ରିକ ବିକାଶ ନିମନ୍ତେ କ୍ରେଚ ବା ଆମ କଳିକା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଚନ୍ଦନା ମିଶ୍ର ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଯାଜପୁର ଜିଲାର ୧୦ ବ୍ଲକ ଓ ୧୧ ଆଇସିଡିଏସ ଅଧୀନରେ ବିଭିନ୍ନ ଗ୍ରାମରେ ଏହି କେନ୍ଦ୍ର ଖୋଲାଯାଇଛି। ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ମଧ୍ୟରେ କୁପୋଷଣ ଜନିତ ସମସ୍ୟା ଦୂର କରିବା ଏହାର ଲକ୍ଷ୍ୟ। କୁପୋଷଣ ଜନିତ ସମସ୍ୟା ଦ୍ୱାରା ଶିଶୁଙ୍କ ଯେଉଁ ଅନୁପାତରେ ଶାରୀରିକ ଓ ମାନସିକ ବିକାଶ ହେବା କଥା ତାହା ହୋଇ ପାରି ନ ଥାଏ। ଅପରିଷ୍କାର ଓ ପୁଷ୍ଟିକର ଖାଦ୍ୟ ଅଭାବରୁ ଶିଶୁମାନେ କୁପୋଷଣର ଶିକାର ହୋଇଥାଆନ୍ତି। ତେଣୁ ଶିଶୁମାନଙ୍କ ସମସ୍ୟା ସମାଧାନ ପାଇଁ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଓମାଡସି କ୍ରେଚ ବା ଆମ କଳିକା ନାମରେ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି। ଆମ କଳିକା କେନ୍ଦ୍ର ପିପିପି ମୋଡ ରେ ସାରା ଓଡ଼ିଶାରେ ପରିଚାଳନା କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମୀଣ-୨ ସୁପରଭାଇଜର ପୁଷ୍ପଲତା ପରିଡ଼ା, ଆଇଏମ୍‌ଟିଏସ୍ ସଂସ୍ଥାର ବସନ୍ତ କୁମାର ଦାସ, ସଂଯୋଜକ ସୁଧାକର ନାୟକ, କ୍ରେଚର ସୁପରଭାଇଜର ପ୍ରିୟଙ୍କା ସାହୁ, ଶ୍ୟାମ ପ୍ରାସାଦ ସାହୁ, ସୁଧନ୍ତା ବର୍ଦ୍ଧନ ଓ କବିତା ମଞ୍ଜରୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଗ୍ରାମାଞ୍ଚଳରେ ଆଲୋକୀକରଣ ବିପର୍ଯ୍ୟସ୍ତ

ପଟ୍ଟାମୁଣ୍ଡାଇ, ୨୦।୩(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳରେ ସରକାରଙ୍କ ଆଲୋକୀକରଣ ବ୍ୟବସ୍ଥା ଫେଲ୍ ମାରିଛି। ଗ୍ରାମାଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ଲଗେଇ ଠିକାସଂସ୍ଥା ମାଲାମାଲ ହୋଇଥିବାବେଳେ ନିମ୍ନମାନର ଏଲ୍‌ଇଡି ଓ ବିଦ୍ୟୁତ୍ ସରଞ୍ଜାମ ଲଗାହେବା କାରଣରୁ ଗ୍ରାମବାସୀ ଅନ୍ଧାରରେ ରହୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି।

ସାମାଜିକ କର୍ମୀ ସତ୍ୟପ୍ରିୟ ସାମଲ କହିଛନ୍ତି, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳର ବିଭିନ୍ନ ପଞ୍ଚାୟତରେ ଆଲୋକୀକରଣ ପାଇଁ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ଷ୍ଟ୍ରିଟ୍‌ଲାଇଟ ଲଗାଇବା ବାବଦରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। ସରକାରଙ୍କ ପକ୍ଷରୁ ପଞ୍ଚାୟତ ପାଣ୍ଠିଗୁଡ଼ିକ ସିଧାସଳଖ ଆସୁଛି। ଏଥିସହ ପଞ୍ଚାୟତ ତା'ର ନିଜସ୍ୱ ଅର୍ଥରେ ରାସ୍ତା ଘାଟ, ପାନୀୟ ଜଳ, ବିଦ୍ୟୁତ୍ ଖୁଣ୍ଟରେ ଲାଇଟ ଲଗାଇବା ଭଳି କାର୍ଯ୍ୟକ୍ରମ ହାତକୁ ନେଇ କାର୍ଯ୍ୟ କଲା। କେଉଁ କେଉଁ ପଞ୍ଚାୟତରେ ସୋଲାର ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ମଧ୍ୟ ଲଗାଯାଇଥିଲା। ଗୋଟିଏ ଗୋଟିଏ ଗ୍ରାମରେ ୧୨ରୁ ୧୫ଟି ଖୁଣ୍ଟରେ ଏଲ୍‌ଇଡି ଲାଇଟ ଲାଗିବା ସହ ଗ୍ରାମଗୁଡ଼ିକ ସହର ଭଳି ଚମକିଲା। ମାତ୍ର ଏବେ କେଉଁଠି କେଉଁଠି ଗୋଟିଏ ଦୁଇଟି ଜଳୁଛି ଅନ୍ୟ ସବୁ ବନ୍ଦ ହୋଇପଡ଼ିଛି। ଲାଇଟ ସହିତ ଖମ୍ବ ବି ଚୋରି ହୋଇଗଲାଣି। ଏପରିକି ଅନେକ ଏଲ୍‌ଇଡି ଲାଇଟ ଖୋଲା ହୋଇଯିବା ପରେ ଖୁଣ୍ଟ ଖାଲି ପଡିଥିବା ଦେଖିବାକୁ ମିଳିଛି। ବୁଦ୍ଧିଜୀବୀ କ୍ଷୀରୋଦ ମଲ୍ଲିକ କହିଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥାରେ ଗ୍ରାମପଞ୍ଚାୟତ ଗ୍ରାମ୍ୟ ସ୍ତରରେ ଗୋଟିଏ ଗ୍ରାମସଭା ରହିଛି। ଗ୍ରାମପଞ୍ଚାୟତଗୁଡ଼ିକର ଗଠନ ଗ୍ରାମସଭାକୁ ବର୍ତ୍ତମାନ ଗୋଟିଏ ଆଇନଗତ ସଂସ୍ଥାର ମାନ୍ୟତା ଦିଆଯାଇଛି। ମାତ୍ର ବିଭିନ୍ନ ପଞ୍ଚାୟତରେ ଗ୍ରାମସଭା କରା ନ ଯାଇ ବର୍ଷ ବର୍ଷ ଧରି ବିଭିନ୍ନ ଉନ୍ନୟନମୂଳକ ଢଳେଇ କାର୍ଯ୍ୟର କାର୍ଯ୍ୟାଦେଶକୁ ବାତିଲ କରାଯାଇ ଆଲୋକୀକରଣ କରାଯାଇଥିଲା। ଏହି ଲାଇଟଲଗା କାର୍ଯ୍ୟ ଗାଁଗଣ୍ଡାରେ



ଏକ ସୋଲାର ଷ୍ଟ୍ରିଟ୍ ଲାଇଟ ଜଳୁଛି।

- ଲିଭି ଲିଭି ଯାଉଛି ଷ୍ଟ୍ରିଟ୍ ଲାଇଟ
- ଚୋରି ହୋଇଗଲାଣି ଅନେକ

ବିଦ୍ୟୁତ୍ ବିଭାଗ ଖୁଣ୍ଟରେ ଏଲ୍‌ଇଡି ଲାଇଟ ଲଗାଗଲା। ଯାହାକି ଗୋଟିଏ ଗୋଟିଏ ଏଲ୍‌ଇଡି ଲାଇଟ ୧୨ ଶହରୁ ୨ ହଜାର ଟଙ୍କା ହୋଇଥିବା ବେଳେ ଲାଇଟ ପିଛା ପ୍ରାୟ ୧୦ରୁ ୧୫ ହଜାର ଟଙ୍କା ଭଳି ବିଲ୍ କରାଗଲା। ଏ ନେଇ ଗ୍ରାମର ଲୋକେ ଅଭିଯୋଗ କରିବା ସହ ବ୍ଲକ ଆଗରେ ଧାରଣା ମଧ୍ୟ ଦେଇଥିଲେ। ଯୁବନେତା ସୁଶାନ୍ତ ଦାସ କହିଛନ୍ତି, ଖଡିଅଣ୍ଟା ଗ୍ରାମର ରାସ୍ତା ଓ ଗ୍ରାମରେ ୨୦ରୁ ୨୫ଟି ସୋଲାର ଲାଇଟ ଲଗାଯାଇଥିଲା। ମାତ୍ର ଏବେ ସବୁ ଲାଇଟ୍ ଚୋରି ହୋଇଯାଇଛି। ଏ ନେଇ ବ୍ଲକ ପ୍ରଶାସନ ନା ସରପଞ୍ଚ କାହାରି ନିଘା ନାହିଁ। ଏହି ଲାଇଟକୁ ଜଣେ ବ୍ୟକ୍ତି ଘରେ ରଖିଥିବା ଶୁଣାଯାଉଛି। କେତେ ବେଳେ ପୁଣି ସେହି ଲାଇଟ ଲଗାଇ ମିଛ ବିଲ୍ କରାଯାଉଛି। ଏ ନେଇ ବିପୁଳ ପରିମାଣର ମୁନାଫା ସାଙ୍ଗକୁ ଠିକାଦାର ଭାଗୀଦାରିରେ ସବୁ କିଛି ଚାଲିଛି। ଏ ବାବଦରେ ବ୍ଲକ ତଥ୍ୟ ମାଗିଲେ ଆଜିକାଲି କହି ସମୟ ଗଡ଼ାଉଛନ୍ତି। ପୋଷ୍ଟାଲ ଆଇପିଓ ମିଳୁ ନ ଥିବାରୁ ଆର୍‌ଟିଆଇ ମାଗି ପାରୁନାହୁଁ। ସୁରେନ୍ଦ୍ର ପରିଡା କହିଛନ୍ତି, ପଞ୍ଚାୟତଗୁଡ଼ିକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କାର୍ଯ୍ୟାଦେଶ ହୋଇ ପଡି ରହିଥିବା ଅର୍ଥକୁ ଫେରାଇ ନେଇ ଏହି ଲାଇଟ ଲଗା ଯାଇଥିଲା। ତେବେ ଧୀରେଧୀରେ ଗ୍ରାମାଞ୍ଚଳର ଖୁଣ୍ଟଗୁଡ଼ିକରୁ ବିଜୁଳିବତି ଲିଭିଯାଇଛି। କେଉଁଠି ଗୋଟିଏ ଅଧେ ଜଳୁଛି ତ କେଉଁଠାରେ ମାସ ମାସ ଧରି ବନ୍ଦ ହୋଇ ପଡିରହିଛି। ତେବେ ଆଲୋକୀକରଣ ବ୍ୟବସ୍ଥା ପଟ୍ଟାମୁଣ୍ଡାଇ ବ୍ଲକ ଗ୍ରାମାଞ୍ଚଳରେ ଏବେ ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଏବିଡିଓ ସନ୍ତୋଷ ମନ୍ତ୍ରୀଙ୍କୁ ପଚାରିବାରୁ ଗ୍ରାମାଞ୍ଚଳ ଆଲୋକୀକରଣ ଦାୟିତ୍ୱ ସରପଞ୍ଚମାନଙ୍କର, ଏପରି ଅଭିଯୋଗ ଆସି ନ ଥିଲା ଏହାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

# ପଖାଳ ହେଉଛି ଆମ ସଂସ୍କୃତି, ପରମ୍ପରାର ପ୍ରତୀକ



ପଖାଳ ଦିବସରେ ସମସ୍ତେ ମିଶି ଖାଉଛନ୍ତି।

ମାର୍ଶାଘାଇ, ୨୦।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ପଖାଳ ହେଉଛି ଓଡ଼ିଆଙ୍କ ପ୍ରିୟ ଖାଦ୍ୟ। ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହ ପଖାଳ ଓତପ୍ରୋତ ଭାବେ ଜଡିତ। ଜଗନ୍ନାଥ ମହାପ୍ରଭୁ ପଖାଳ ପ୍ରିୟ, ତେଣୁ ପଖାଳ ହେଉଛି ଆମ ସଂସ୍କୃତି ଓ ପରମ୍ପରାର ପ୍ରତୀକ ବୋଲି ବକ୍ତାମାନେ ପ୍ରକାଶ କରିଛନ୍ତି। ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତର ପୋତାରୀଠାରେ ଫ୍ରେଣ୍ଡସ ଯୁଥ କ୍ଲବ ପକ୍ଷରୁ ଚତୁର୍ଥ ବାର୍ଷିକ ବିଶ୍ୱ ପଖାଳ ଦିବସ ବୁଧବାର ପାଳିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ଶର୍ମିଷ୍ଠା ନାୟକ, ସମ୍ପାଦିକା ଭାରତୀ ଦଳାଇ, ସମିତି ସଭ୍ୟ ସୁନତି ଶାହ, ସଭ୍ୟ ଶରତ ଚନ୍ଦ୍ର ପ୍ରଧାନ, ସଞ୍ଜୟ ପାତ୍ର ଯୋଗଦେଇ ଓଡ଼ିଆମାନେ ଯୁଆଡେ ଯାଆନ୍ତି ପଖାଳ କଂସାକୁ ଝୁରିଥାନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମର ଶତାଧିକ ମହିଳାପୁରୁଷ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ପରେ ଆୟୋଜକଙ୍କ ପକ୍ଷରୁ ଉପସ୍ଥିତ ଶତାଧିକ ଲୋକଙ୍କୁ ଦହି ପଖାଳ, ଶାଗ ଭଜା, ସାଲାଡ଼, ମାଛ ଭଜା, ଆଳୁ ଭର୍ତ୍ତା, ବଡିଚୂରା, ବାଦାମ ଚୂରା, ସହ ଅନେକ ପ୍ରକାର ଖାଦ୍ୟ ପଦାର୍ଥ ପରଷା ଯାଇଥିଲା। ସାମାଜିକ କର୍ମୀ ସର୍ବେଶ୍ୱର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ କ୍ଲବ ପକ୍ଷରୁ ବିଚିତ୍ର ମଲ୍ଲିକ, ସୂର୍ଯ୍ୟକାନ୍ତ ନାଥ, ସଂଗ୍ରାମ ମଲ୍ଲିକ, ଜିତେନ୍ଦ୍ର ସେଠୀ, ହେମନ୍ତ ଦାସ, ବିକାଶ ଦାସ, କୁନମୁନ ପଟ୍ଟନାୟକ, ତନୁଜ ଦାସ, ରବୀନ୍ଦ୍ର ନାୟକ, ରଞ୍ଜନ ପଟ୍ଟନାୟକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ଓଡ଼ିଆ ପଖାଳ ସମସ୍ତଙ୍କ ପ୍ରିୟ

ପାରାଦୀପ, ୨୦।୩(ଶରତ ରାଉତ)

ପାରାଦୀପ ଲାଫିଙ୍ଗ କ୍ଲବ ପକ୍ଷରୁ ବୁଧବାର ପଖାଳ ଦିବସ ପାଳିତ ହୋଇଛି। ସ୍ଥାନୀୟ ମଧୁବନ ଗଲ୍ଫ ପଡିଆଠାରେ ଏ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସ ଚନ୍ଦ୍ର ମହାରଣା, ଅନନ୍ତ ଦାସ, ସୁଶାନ୍ତ ପଟ୍ଟନାୟକ, ଆଶୁତୋଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟଙ୍ଗ କବିମାନେ କବିତା ମାଧ୍ୟମରେ ହାସ୍ୟରୋଳ ସୃଷ୍ଟି କରିଥିଲେ। ପରେ ଓଡ଼ିଶାର ପ୍ରିୟ ଖାଦ୍ୟ ପଖାଳ ଖାଇଥିଲେ। ପ୍ରତ୍ୟେକ ଓଡ଼ିଆମାନଙ୍କର ପ୍ରମୁଖ ଓ ପ୍ରିୟ ଖାଦ୍ୟ ପଖାଳ। ଏହା ଏବେ ଦିବସ ଭାବେ ପାଳନ ହେଉଛି। ଯାହା ଭଲ କଥା ବୋଲି ଅତିଥି ବିଶ୍ୱାଳ କହିଥିଲେ। ସେହିପରି ପାରାଦୀପର ଏମ୍ପାୟର୍ସ ହୋଟେଲରେ ମଧ୍ୟ ପଖାଳ ଦିବସ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡ଼ିଶାର ପ୍ରିୟ ଖାଦ୍ୟ ପଖାଳକୁ ଏହି ହୋଟେଲ ପ୍ରତିବର୍ଷ ଉତ୍ସବ ଭାବେ ପାଳନ କରୁଛି ବୋଲି ସାଧାରଣ ପରିଚାଳକ ସନ୍ତୋଷ ମିଶ୍ର କହିଛନ୍ତି। ଏହା ଖରା ସମୟ ଜୁନ ମାସ ପର୍ଯ୍ୟନ୍ତ ଚାଲିବ। ସବୁଠାରୁ ବଡ କଥା ହେଲା ଏହି ପଖାଳ ଖାଦ୍ୟକୁ ବିଦେଶୀ ନାଗରିକମାନେ ଖାଇଲେଣି। ହୋଟେଲକୁ ଆସୁଥିବା ପର୍ଯ୍ୟଟକ କିମ୍ବା ଜାହାଜ କର୍ମଚାରୀ ଖାଉଛନ୍ତି ବୋଲି ମ୍ୟାନେଜର ଏମ୍. ଏମ୍. ଖାନ୍ କହିଥିଲେ। ପଖାଳ ସାଙ୍ଗରେ ବଡି ଚୁରା, ଶାଗ, ଆଳୁଭର୍ତ୍ତା, ଶୁଖୁଆ ଭଜା ଭଳି ୧୬ ପ୍ରକାର ଖାଦ୍ୟ ପରସା ଯାଉଛି।




ଗଲ୍ଫ ପଡ଼ିଆରେ ଅତିଥିମାନେ ପଖାଳ ଖାଉଛନ୍ତି।

# ତଅଁରାରେ ଘରେ ଘରେ ଶଙ୍ଖ, ବୁଥ କମିଟି ଗଠନ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଜେଡି ନେତା ଓ କର୍ମୀମାନେ।

ରଘୁନାଥପୁର, ୨୦।୩(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଓ ବୁଥ୍ କମିଟି ଗଠନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପର୍ଯ୍ୟବେକ୍ଷକ ବିଚିତ୍ର କୁମାର ସ୍ୱାଇଁ ଓ ସହ ପର୍ଯ୍ୟବେକ୍ଷକ ବିମୋଦ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହାଛଡା ରାଜ୍ୟ ବିକାଶରଧାରାକୁ ଆଗେଇ ନେବାକୁ ହେଲେ ପୁଣି ବିଜେଡି ସରକାର ଆସିବା ଦରକାର ବୋଲି କହିଥିଲେ। ସରପଞ୍ଚ ବଟକୃଷ୍ଣ ନାୟକ, ବ୍ଲକ ମହିଳା ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ ଯୋଗଦେଇ ୫-ଟି ସ୍କୁଲ ରୂପାନ୍ତରିକରଣ କାର୍ଯ୍ୟ, ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି, ମଠ, ମନ୍ଦିରର ଉନ୍ନତିକରଣ କାର୍ଯ୍ୟ, ନବୀନ ସ୍ୱାସ୍ଥ୍ୟକାର୍ଡ ଭଳି ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟର ଉପକାରିତା କିପରି ସାଧାରଣ ଲୋକେ ପାଇ ପାରୁଛନ୍ତି ସେ ସମ୍ପର୍କରେ ସୁଚେଇ ଦେଇଥିଲେ। ଏଣୁ ସମସ୍ତେ ନିଷ୍ଠାର ସହ ଦଳ ପାଇଁ କାର୍ଯ୍ୟକରୀ ବିକାଶର ଧାରାକୁ ବଜାଇ ରଖିବା ନିମନ୍ତେ ଆପ୍ରାଣ ଉଦ୍ୟମ ଜାରି ରଖିବା ପାଇଁ ନିବେଦନ କରିଥିଲେ। ପରେ ଘରକୁ ଘର ଯାଇ ଶଙ୍ଖ ଚିହ୍ନ ଥିବା ପୁସ୍ତିକା ବଣ୍ଟନ କରାଯାଇଥିଲା। ଶେଷରେ ବିଭିନ୍ନ ବୁଥ୍‌ର କମିଟି ଗଠନ କରାଯାଇଥିଲା। ଏଥିରେ ବରିଷ୍ଠ କର୍ମୀ ବିଜୟ କୁମାର ଦାସ, ନବଘନ ଦାସ, ସଞ୍ଜୟ କୁମାର ଦାସ, ସଚିତ୍ର ସ୍ୱାଇଁ ଓ ପଙ୍କଜିନି ଗୋଛାୟତଙ୍କ ସହ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ଓଡ଼ିଆ ନାଟକ 'ଏକା'ରେ ପାରିବାରିକ ବିଷୟ

ପାରାଦୀପ, ୨୦।୩(ଶରତ ରାଉତ)

**ଜାତୀୟ ନାଟକ ମହୋତ୍ସବ**

ପାରାଦୀପର ଜୟଦେବ ଭବନରେ ଚାଲିଥିବା ୨୧ତମ ଜାତୀୟ ନାଟକ ମହୋତ୍ସବ ବୁଧବାର ଦ୍ୱିତୀୟ ନାଟକ ମଞ୍ଚସ୍ଥ ହୋଇଛି। ଭୁବନେଶ୍ୱର ଅଜିତ ଗ୍ରୁପ ଦ୍ୱାରା ପ୍ରଯୋଜିତ ଏବଂ ଦୀପକ ରଞ୍ଜନ ପତିଙ୍କ ନିର୍ଦ୍ଦେଶିତ ଓଡ଼ିଆ ନାଟକ 'ଏକା'ମଞ୍ଚସ୍ଥ ହୋଇଥିଲା। ଏଥିରେ କଳାକାରମାନେ ସାମାଜିକ ଘଟଣାବଳି ଉପରେ ଅଭିନୟ କରିଥିଲେ। ମଣିଷ ଜୀବନ କିପରି ଏକା ଆସି ଏକା ଚାଲିଯାଏ ଏବଂ ମଝିରେ କରୁଥିବା ସଂଘର୍ଷ ତା'ର ଅଭିନୟ ବୋଲି ଦର୍ଶାଯାଇଥିଲା।



ଏକା ନାଟକର ଏକ ଦୃଶ୍ୟରେ କଳାକାରମାନେ।

# ପରିକ୍ରମା କରୁଥିବା ଜଗନ୍ନାଥ ରଥକୁ ପାରାଦୀପରେ ସ୍ୱାଗତ

ପାରାଦୀପ, ୨୦।୩(ଶରତ ରାଉତ)

ରୋଟାରୀ କ୍ଲବ ପକ୍ଷରୁ ୪ ତାରିଖରୁ ଶ୍ରୀଜଗନ୍ନାଥ ସଦଭାବନା ରଥ ସାରା ଭାରତ ପରିକ୍ରମା କରୁଛି। ଉକ୍ତ ରଥ ମଙ୍ଗଳବାର ସନ୍ଧ୍ୟାରେ ପାରାଦୀପରେ ପହଞ୍ଚି ଥିଲା। ବୁଧବାର ପାରାଦୀପର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା। ରଥକୁ ପାରାଦୀପ କ୍ଲବ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପାରାଦୀପ କଲେଜ ପାଖରେ ରୋଟାରୀଆନ ଅକ୍ଷୟ ମିଶ୍ର, ଆଭାସ ଚୌଧୁରୀ, ପ୍ରେମାନନ୍ଦ ରାଉତ ପ୍ରମୁଖଙ୍କ ସହ ପିଲାମାନେ ଉପସ୍ଥିତ ସମ୍ମାନ ଜଣାଇ ଥିଲେ। ଓଡ଼ିଶାର ୧୧୫ ସ୍ଥାନ ପରିକ୍ରମା କରିବା ପରେ ଅନ୍ୟ ରାଜ୍ୟ ଗସ୍ତରେ ଯିବ ବୋଲି ରଥରେ ଥିବା ଆବାହକ ବିଘ୍ନେଶ୍ୱର ବେହେରା ସୂଚନା ଦେଇଛନ୍ତି।




ପାରାଦୀପରେ ରଥକୁ ସ୍ୱାଗତ କରାଯାଉଛି।

# ହତ୍ୟାକାରୀଙ୍କୁ ୭ ବର୍ଷ ଜେଲଦଣ୍ଡ

କେନ୍ଦୁଝର, ୨୦।୩(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଦୌରାଜଜ୍ ଅଶୋକ କୁମାର ପଣ୍ଡା ଏକ ହତ୍ୟା ମାମଲାର ବିଚାର କରି ସମରା ମୁଣ୍ଡାଙ୍କୁ ଦୋଷୀ ସାବସ୍ତ୍ୟ କରି ୭ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ମୃତକଙ୍କ ପରିବାରକୁ ଅନୁକମ୍ପା ରାଶି ଦେବାକୁ ଆଦେଶ ଦେଇଛନ୍ତି। ମାମଲା ବିବରଣୀ ଅନୁଯାୟୀ, ସଦର ଥାନା ଅଞ୍ଚଳର ବରଦାପାଳଠାରେ ରହୁଥିବା ସମରା ଏବଂ ସୁନିଆଁ ମୁଣ୍ଡାଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ୪ ଅଗଷ୍ଟ ୨୦୧୮ରେ ସମରାଙ୍କ ଘର ବାଟ ଦେଇ ସୁନିଆଁ ଯାଉଥିବା ବେଳେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଉତ୍ୟକ୍ତ ହୋଇ ସୁନିଆଁ ମୁଣ୍ଡାକୁ ସମର ଜୋରରେ ମୁଥ ମାରି ଦେବାରୁ ସେ ତଳେ ପଡ଼ିଯାଇଥିଲେ। ପରେ ତାଙ୍କୁ ପଥରରେ ଛେଚି ଦେବାରୁ ସେ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

# ଆୟୁଷ ଡାକ୍ତରଙ୍କ ଅସହଯୋଗ ଆନ୍ଦୋଳନ

**ରୋଗୀସେବା ଛଡା, ଅନ୍ୟ କାର୍ଯ୍ୟ ବନ୍ଦ**



ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଆୟୁଷ ଡାକ୍ତରମାନେ ଦାବିପତ୍ର ଦେଉଛନ୍ତି।

ରଘୁନାଥପୁର, ୨୦।୩(ରାଜେନ୍ଦ୍ର ନାରାୟଣ ସିଂହ)

ରାଜ୍ୟ ସଂଘର ଆହ୍ୱାନକ୍ରମେ ଓଡ଼ିଶାର ସମସ୍ତ ଆୟୁଷ ଡାକ୍ତର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହିକ୍ରମରେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସମସ୍ତ ଆୟୁଷ ଡାକ୍ତରମାନେ ବୁଧବାରଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଛନ୍ତି। କେବଳ ରୋଗୀସେବା ଓ ଆୟୁଷ ସେବା ଛଡା ଅନ୍ୟ କୌଣସି ସେବା କରିବେ ନାହିଁ ବୋଲି ରୋକଠୋକ ପ୍ରକାଶ କରିଛନ୍ତି। ଏ ସମ୍ପର୍କିତ ଅଭିଯୋଗପତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ସୁକାନ୍ତ କୁମାର ଦଳାଇଙ୍କୁ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ୫ ବର୍ଷ ତଳୁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟମନ୍ତ୍ରୀ ଓ ଉଚ୍ଚ ପଦସ୍ଥ ଅଧିକାରୀମାନେ ଆୟୁଷ ଡାକ୍ତରଙ୍କୁ ନିୟମିତ କରିବାର ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇ ସେମାନଙ୍କ ସହ ବିଶ୍ୱାସ ଘାତକତା କରିଛନ୍ତି। ଏଣୁ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଏଥିରେ ହସ୍ତକ୍ଷେପ କରି ସମସ୍ତ ଆୟୁଷ ଡାକ୍ତର ଓ ତାଙ୍କ ପରିବାର ବର୍ଗଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି।

# ଶିଖିବା ପରିବର୍ତ୍ତେ ଶିଖାଇବାକୁ ଚେଷ୍ଟା କର

ଜଗତ୍‌ସିଂହପୁର, ୨୦।୩ (ପ୍ରମୋଦ କୁମାର ନାୟକ)

ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ୬ଷ୍ଠରୁ ୮ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଧନ୍ଦାମୂଳକ ସହ ସାଧାରଣ ଶିକ୍ଷାରେ ଉନ୍ନତି ଆଣିବାକୁ ଉଦ୍ୟମ ହେଉଛି। ତେବେ ଏହି ପିଲାମାନଙ୍କ ସାମଗ୍ରିକ ବିକାଶ ପାଇଁ ପ୍ରଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ ନେଇ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ଅବା ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ତା' ଉପରେ ମଧ୍ୟପ୍ରଦେଶ ରାଜଧାନୀ ଭୋପାଳର ଶ୍ୟାମଳା ହିଲଠାରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଯେଉଁଥିରେ ଓଡ଼ିଶାରୁ ୪୭ଜଣ ଶିକ୍ଷୟିତ୍ରୀ,ଶିକ୍ଷକ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଜଗତ୍‌ସିଂହପୁର ଜିଲାରୁ ଏକମାତ୍ର ଶିକ୍ଷକ ଭାବେ ଅଲଣାହାଟ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଯୋଗଦେଇ ପ୍ରସଙ୍ଗ ଉପରେ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ। ଯେଉଁଥିପାଇଁ ଆୟୋଜକ ପଣ୍ଡିତ ସୁନ୍ଦରଲାଲ ଶର୍ମା ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ ଭୋକେସନାଲ ଏଜୁକେଶନ (ପାସିଭ)ର ଯୁଗ୍ମ ନିର୍ଦ୍ଦେଶକ ଏବଂ ବରିଷ୍ଠ ପ୍ରଫେସରମାନେ ଭୂୟସୀ ପ୍ରଶଂସା କରିଥିଲେ। ମିଶ୍ର ଭୋପାଳରୁ ଫେରିବା ପରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ରାଜ୍ୟଶ୍ରୀ ସାହୁ, ନାଉଗାଁ ମଣ୍ଡଳ ଶିକ୍ଷା ଅଧିକାରୀ ମନୋରମା ରାଉତ, ଅଲଣାହାଟ ହାଇସ୍କୁଲ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପାଢୀ, ଏସ୍‌ସି ଓ ଏସ୍‌ଟି ସଂଯୋଜକ ଡ. ସସ୍ମିତା ବାରିକଙ୍କ ସମେତ ଜିଲାର ସମସ୍ତ ପ୍ରଧାନ ଶିକ୍ଷକ, ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରମୁଖଙ୍କୁ ସାକ୍ଷାତ କରି ଭୋପାଳ ଅନୁଭୂତି ବଖାଣିବା ସହ ଜିଲାର ସଫଳତା ପାଇଁ




ଭୋପାଳରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପ୍ରଶିକ୍ଷାର୍ଥୀମାନେ।

**ଭୋପାଳରେ ଶିକ୍ଷକ ଅମୂଲ୍ୟ ମିଶ୍ର ପ୍ରଶଂସିତ**

ଶୁଭେଚ୍ଛା ଜଣାଇଥିଲେ। ଏ ସମ୍ପର୍କରେ ମିଶ୍ର କହିଛନ୍ତି, ପାସିଭର ଯୁଗ୍ମ ନିର୍ଦ୍ଦେଶକ ଡ. ଦୀପକ ପାଲିୱାଲ, ସଂଯୋଜକ ଡ. ଅଭିଜିତ ନାୟକ, ସାଧନ କର୍ମୀ ପ୍ରଫେସର ଡ. ବିପିନ କୁମାର ଜୈନ, ପ୍ରଫେସର ଡ. ବିନୟ ସ୍ୱରୂପ ମେହେରାତ୍ରା, ପ୍ରଫେସର ଡ. ସୌରଭ ପ୍ରକାଶ, ଡ. ମୁନେଶ ଚାନ୍ଦ୍ରା, ଡ. ପ୍ରକାଶ ଚନ୍ଦ୍ର ରାଉତ, ଏଚଆର୍‌ଏଚ୍‌ପି ଗ୍ଲୋବାଲ ଡେଲିଭରି ଇଣ୍ଡିଆ ସେଣ୍ଟର ନିର୍ଦ୍ଦେଶକ ତଥା ତାଜଗ୍ରୁପ ହୋଟେଲର ପ୍ରାକ୍ତନ ଉପସଭାପତି ଏଚ୍. ଏନ୍. ଶ୍ରୀନିବାସ କାର୍ଯ୍ୟକ୍ରମରେ ଯୋଗଦେଇ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ। ଶିକ୍ଷା ସେତିକି ବେଳେ ଯଥାର୍ଥ ହୁଏ, ଯେତେବେଳେ ଶିକ୍ଷକମାନେ ସେମାନଙ୍କ ଶିକ୍ଷାଦାନ କରିବାର ଉପାୟ ତିଆରି କରନ୍ତି। ଆଉ ସେମାନଙ୍କ ଦ୍ୱାରା କୁହାଯାଉଥିବା ଏବଂ କରାଯାଉଥିବା କଥା କେବଳ ଛାତ୍ରମାନଙ୍କ ପାଇଁ ସୂଚନା ନୁହେଁ, ବରଂ ଉପାଦେୟ ହେବା ଜରୁରୀ। ଅର୍ଥାତ୍ ସିଧାସଳଖ ଏବଂ ସହଜରେ ଯେପରି ବିଷୟ ବୁଝିହେବ ସେନେଇ ନିଜର ସଂଯୋଗ ପ୍ରତିପାଦିତ କରିବାକୁ ପଡିବ। ତେବେ ଶିକ୍ଷୟିତ୍ରୀଶିକ୍ଷକ ଓ ମାଷ୍ଟର ଟ୍ରେନରମାନେ ଏ ନେଇ ଆଗାମୀଦିନରେ ଯେପରି ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଇ ନୂଆ ଟ୍ରେନର ସୃଷ୍ଟି କରିପାରିବେ ତା' ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମୁମ୍ବାଇର ଶିକ୍ଷା ଏକାଡେମୀ ଭଳି ଅନ୍ତର୍ଜାତୀୟ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶିକା କରିଷ୍ମା ସାଙ୍ଗଭୀ କହିଥିଲେ, ଶିକ୍ଷା ଦେବା ଓ ଗ୍ରହଣ କରିବାର ପ୍ରକୃତ ମହତ୍ତ୍ୱ ନ ବୁଝିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଏହା ସେତିକିବେଳେ ସଫଳ ହେବ ଯେତେବେଳେ ବ୍ୟକ୍ତି କାର୍ଯ୍ୟକୁ ଦାୟିତ୍ୱ ଭାବରେ ଗ୍ରହଣ କରିନେବ। ଶିଖିବା ପରିବର୍ତ୍ତେ କିଛି ଶିଖାଇବାକୁ ଚେଷ୍ଟା କରିବ। ପ୍ରଶିକ୍ଷାର୍ଥୀଙ୍କ କୌତୁହଳର ସମାଧାନ ସାଙ୍ଗକୁ ଅଧ୍ୟୟନ ପାଇଁ ସୁଯୋଗ ସୃଷ୍ଟି କରିବ। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କୁ ଭୋପାଳଠାରେ ଥିବା ସ୍କୋପ ଗ୍ଲୋବାଲ ସ୍କିଲ ବିଶ୍ୱବିଦ୍ୟାଳୟ ପରିଭ୍ରମଣରେ ନିଆଯାଇଥିବା ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ

ଓଡ଼ଗାଁ,୨୦।୩

(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଶ୍ରୀରଘୁନାଥ ଜିଉଙ୍କ ମନ୍ଦିର ନିକଟ ପାଇକ ସାହିରେ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ନାମ ଯଜ୍ଞରେ ନୟାଗଡ଼ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳା ଓ ପୁରୁଷ ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ସ୍ୱରରେ ମହାମନ୍ତ୍ର ଗାଗ କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ । ବିଶେଷକରି କଣ୍ଟାବଣିଆ, ମାଳତିପୁର, ଚିଙ୍ଗୁଡ଼ି ଗାଡ଼ିଆ, ଗୋପୀନାଥପୁର, ନାଗମୁଣ୍ଡଳି, ଆଡଚେର, ସିଧାମଳା ଗାଁରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀଙ୍କ ନାମ ସଂକୀର୍ତ୍ତନ ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଓ ପୂର୍ବତନ ସରପଞ୍ଚ ଦିବାକର ନାୟକ ପ୍ରମୁଖ ପ୍ରଭୁଙ୍କୁ ଆର୍ଶିବାଦ ଭିକ୍ଷା କରିଥିଲେ । ପାଇକସାହି ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ୨୦ କେଜି ଗଞ୍ଜେଇ ଜବତ, ୩ ଗିରଫ

**ଦାରିଙ୍ଗବାଡି,୨୦।୩(ଅରୁଣ ସାହୁ):** କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ବେଆଇନ ଗଞ୍ଜେଇ ଚୋରାଚାଲାଣ ବେଳେ ମାଡ଼ି ବସିଲା ପୋଲିସ। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ପୋଲିସ ଗିରଫ କରିବା ସହ ୨ଟି ମୋଟର ସାଇକେଲ ଓ ୨୦ କେଜି ଗଞ୍ଜେଇ ଜବତ କରିଥିବା ଆଇଆଇଆସି ଆନନ୍ଦ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଗିରଫ ତିନିଜଣ ହେଲେ ରାଇକିଆ ଥାନା ବାରବା ଗ୍ରାମର ବଚମା ନାୟକ, ସୋରଡ଼ା ଥାନା ମୁରୁଗାପାଲି ଗ୍ରାମର କ୍ରିଷ୍ଣା ପାଣିଗ୍ରାହୀ ଏବଂ ତ୍ରିଲୋକନାଥ ପାଣିଗ୍ରାହୀ। ସେମାନଙ୍କ ନାମରେ ଏନଡିପିଏସ ଧାରାରେ ମାମଲା (୪୮/୨୪ )ରୁଜୁ କରି ତଦନ୍ତ କରୁଛି।

### ସାମାଜିକ କର୍ମୀଙ୍କ ପରଲୋକ

ଆସିକା,୨୦।୩ (ସୁରେନ୍ଦ୍ର ନାଥ ସାହୁ):

ଦୀର୍ଘ ୨୫ ବର୍ଷ ଧରି ଆସିକା ସରକାରୀ ଡାକ୍ତରଖାନାରୁ ମୃତଦେହକୁ ସଂପୃକ୍ତ ବ୍ୟକ୍ତିଙ୍କ ଘରେ ପହଞ୍ଚାଇବା ଲାଗି ଏକ ସ୍ୱତନ୍ତ୍ର ପରିଚୟ ରହିଥିବା ଆସିକା ରଘୁନାଥ ନଗର ବାସିନ୍ଦା ତଥା ସାମାଜିକ କର୍ମୀ ମୁରଲି ବେହେରାଙ୍କ (୫୫) ବୁଧବାର ମୃତ୍ୟୁ ଘଟିଛି। ସକାଳେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଆସିକା ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୁରଲୀଙ୍କ ପରଲୋକରେ ସାଧାରଣରେ ଶୋକ ପ୍ରକାଶ ପାଇଛି । ଗତ ୨୫ ବର୍ଷ ପୂର୍ବେ ପ୍ରଥମେ ଟ୍ରଲି ରିକ୍ସାରେ ମୃତଦେହକୁ ଡାକ୍ତରଖାନାରୁ ନେବା ବ୍ୟବସ୍ଥା କରିଥିବା ମୁରଲି ପରବର୍ତ୍ତି ଅବସ୍ଥାରେ ଗୋଟିଏ ୪ ଚକିଆ ଯାନରେ ସ୍ୱଳ୍ପ ମୂଲ୍ୟରେ ଏହି ସେବା ପ୍ରଦାନ କରି ଆସୁଥିଲେ ।

### ମନ୍ଦିର ହୁଣ୍ଡିରୁ ଚୋରି

ଧରାକୋଟ,୨୦।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ଗୁଗୁମୁ ପଞ୍ଚାୟତ ବେଠୁଆର ଗ୍ରାମସ୍ଥିତ ମା' ଘୋଡାଦେଇ ମନ୍ଦିର ହୁଣ୍ଡିରୁ ମଙ୍ଗଳବାର ରାତିରେ ଟଙ୍କା ଚୋରି ହୋଇଛି। ବୁଧବାର ସକାଳେ ପୂଜକ ଜାନୀ ଓ ଗାଁର କେତେଜଣ ମନ୍ଦିର ଖୋଲିବାକୁ ଯିବାବେଳେ ମୁଖ୍ୟଦ୍ୱାର ତାଲା ଭାଙ୍ଗିଥିବା ଓ ହୁଣ୍ଡିକୁ ତଡ଼ା ଯାଇଥିବା ଦେଖିଥିଲେ। ଗାଁ ଲୋକେ ଏହା ଜାଣିବା ପରେ ମନ୍ଦିର କମିଟିର ନିଷ୍ପତ୍ତି ପ୍ରକାରେ ଏ ନେଇ ବଡଗଡ ଥାନାରେ ଏତଲା ଦିଆଯାଇଛି। ହୁଣ୍ଡିରେ ପ୍ରାୟ ୫୦ ହଜାର ଟଙ୍କା ରହିଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ଏହି ମନ୍ଦିର ଗଞ୍ଜାମ ସମେତ ରାଜ୍ୟର କେତେକ ଜିଲାରେ ପ୍ରସିଦ୍ଧି ଲାଭ କରିଛି। ପର୍ବପର୍ବାଣୀରେ ଏଠାରେ ହଜାର ହଜାର ଲୋକଙ୍କ ସମାଗମ ହୁଏ ।

### ବାଇକ ଚୋରି ରାକେଟ୍‌ର ପର୍ଦ୍ଦାଫାଶ

ବ୍ରାହ୍ମଣୀଗାଁ, ୨୦।୩ (ମନୋରଞ୍ଜନ ରଣା):

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଗତ ୧୩ ତାରିଖ ଦିନ ମୁଣ୍ଡିଗାଁ ଗ୍ରାମର ଦିପୁ ମଲ୍ଲିକଙ୍କ ଏକ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଥାନା ଅଧିକାରୀ ଚିରଞ୍ଜିବୀ ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ ତଦନ୍ତ କରି କିରାମାହା ଗ୍ରାମରୁ ୩ଟି ବାଇକ ଜବତ କରିଥିବା ଜଣାପଡ଼ିଛି। ଏହି ଚୋରି ରାକେଟରେ ସମ୍ପୃକ୍ତ ଥିବା ୧୦ଜଣ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିଥିଲା। ସେମାନଙ୍କ ମଧ୍ୟରୁ ୭ଜଣ ନାବାଳକ ଥିବାରୁ ତାଙ୍କୁ ପରିବାର ଲୋକଙ୍କ ଜିମାରେ ଛାଡିଥିବା ବେଳେ ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଆର୍‌ଡିସିଙ୍କ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା



ବୈଠକରେ ଆର୍‌ଡିସି, ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ଫୁଲବାଣୀ, ୨୦।୩(ରାକେଶ କୁମାର ରାଉତ):

ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନାଲ୍ କମିଶନର୍ (ଆର୍‌ଡିସି) ରଞ୍ଜନ କୁମାର ଦାସ ମଙ୍ଗଳବାର କନ୍ଧମାଳ ଜିଲା ଗସ୍ତରେ ଆସି ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆଗାମୀ ସାଧାରଣ ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ଆବଶ୍ୟକ ହେବାକୁ ଥିବା ସମସ୍ତ ପ୍ରକାର ଫର୍ମାଟ୍‌ର ଛପାକାର୍ଯ୍ୟ, ଭିନ୍ନକ୍ଷମ ଭୋଟରମାନଙ୍କୁ ଯୋଗାଇ ଦେବାକୁ ଥିବା ସର୍ବନିମ୍ନ ସୁବିଧା, ମତଦାନ କେନ୍ଦ୍ର ନିକଟରେ ସେମାନଙ୍କ ବସିବା ପାଇଁ ସ୍ଥାନ ସଂରକ୍ଷଣ ଓ ଆବଶ୍ୟକ ପଡ଼ିଲେ ସ୍ୱେଚ୍ଛାସେବୀ ନିଯୁକ୍ତି, ପୂର୍ବରୁ ବନ୍ଦ ଥିବା ବିଦ୍ୟାଳୟମାନଙ୍କରେ ମତଦାନ କେନ୍ଦ୍ରରେ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି କି ନାହିଁ ତା' ଉପରେ ପଚାରି ବୁଝିଥିଲେ। ସେହିପରି ନିର୍ବାଚନ କାର୍ଯ୍ୟରେ ଯୋଗ ନ ଦେବା ଲାଗି ଆସୁଥିବା ଅଭିଯୋଗକୁ ଅନୁକମ୍ପା ନ ଦେଖାଇବା, ଏଥିପାଇଁ ଗଠିତ ହୋଇଥିବା ମେଡିକାଲ ବୋର୍ଡ଼ ମିଥ୍ୟା ପ୍ରମାଣ ପତ୍ର ନ ଦେବା, ନିର୍ବାଚନର ସୁପରିଚାଳନା ପାଇଁ ଭାରତୀୟ ନିର୍ବାଚନ ଆୟୁକ୍ତଙ୍କ ନିକଟରୁ ଆସୁଥିବା ସର୍କୁଲାର୍‌ଗୁଡ଼ିକୁ ଜିଲା ନିର୍ବାଚନ ଅଧିକାରୀଙ୍କ ଅବଗତି ନିମନ୍ତେ ବ୍ୟବସ୍ଥା କରିବା, ଅଭିଯୋଗ ଗ୍ରହଣ ପାଇଁ ଥିବା କଲ୍ ସେଣ୍ଟରର କାର୍ଯ୍ୟକାରିତା, ଆଇନଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ସଂଖ୍ୟକ ପୋଲିସ୍ ନିଯୁକ୍ତି, ପ୍ରତି ପୋଲିସ୍ ଷ୍ଟେସନରେ ଥିବା ଅପରାଧୀଙ୍କ ତାଲିକା ସଂଗ୍ରହ, ଲାଇସେନ୍ସ ସହିତ ବେଆଇନ ଅସ୍ତ୍ରଶସ୍ତ୍ର ଜମା କରିବା, ପୋଲିଂ ପାର୍ଟିଙ୍କ ଆରାମ୍ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବା, ପେଡ୍ ନ୍ୟୁଜ୍ ଓ ଫେକ୍ ନ୍ୟୁଜ୍ ଉପରେ ତଦାରଖ ଓ କାର୍ଯ୍ୟାନୁଷ୍ଠାନ ନେବା ଇତ୍ୟାଦି ଉପରେ ନୋଡାଲ ଅଫିସରମାନଙ୍କ ସହ ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା ପାୱାର ପଏଣ୍ଟ ମାଧ୍ୟମରେ ଆଗାମୀ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଯେଉଁସବୁ ବ୍ୟବସ୍ଥା କରାଯାଇଛି ଏବଂ ଆଗକୁ ଯେଉଁସବୁ ବ୍ୟବସ୍ଥା କରାଯିବା ପାଇଁ ପ୍ରସ୍ତୁତି ଚାଲିଛି ତା' ଉପରେ ଅବଗତ କରାଇଥିଲେ। ଜିଲାରେ ମୋଟ ୫ ଲକ୍ଷ ୬୮ ହଜାର ୯୬୧ ଭୋଟର୍ ଅଛନ୍ତି। ଉକ୍ତ ସମୀକ୍ଷା ବୈଠକରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ, ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ, ବାଲିଗୁଡ଼ା ଉପ ଜିଲାପାଳ ଡା.ରୀନା ପ୍ରଧାନ, କନ୍ଧମାଳ ଉପଜିଲାପାଳ ଚିତ୍ତରଞ୍ଜନ ମହନ୍ତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଲଙ୍କାପୋଡ଼ି ଯାତ୍ରା ପାଇଁ ଶୁଭ ଖୁଣ୍ଟି ସ୍ଥାପନ



କର୍ମକର୍ତ୍ତାମାନେ ପ୍ରସ୍ତୁତ କରାଯାଇଥିବା କାର୍ଡ ପ୍ରଦର୍ଶନ କରୁଛନ୍ତି ।

**ଦଶପଲ୍ଲା,୨୦।୩(ପ୍ରକାଶ କୁମାର ପାଣି)**

ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ ପାରମ୍ପରିକ ରୀତି, ନୀତି ଓ ପରମ୍ପରା ଅନୁଯାୟୀ ମଙ୍ଗଳବାର ସକାଳେ ମହାବୀର କ୍ଷେତ୍ରସ୍ଥିତ ଶ୍ରୀ ରଘୁନାଥ ଜୀଉ ଏବଂ ମହାବୀର ଦେବଙ୍କ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା କମିଟି କର୍ମକର୍ତ୍ତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏଥିସହିତ ସନ୍ଧ୍ୟାରେ ଲଙ୍କାପୋଡ଼ି ଯାତ୍ରାର ସୁପରିଚାଳନା ଏବଂ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ଯାତ୍ରା କମିଟି କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ଲୋକମାନେ ଯୋଗ ଦେଇଥିଲେ। ବୈଠକରେ ଚଳିତ ବର୍ଷର ନିମନ୍ତ୍ରଣ କାର୍ଡ ପ୍ରଦର୍ଶନ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୨୪ର ପ୍ରସିଦ୍ଧ ଦଶପଲ୍ଲା ଲଙ୍କାପୋଡି ଯାତ୍ରା ଏପ୍ରିଲ ୧୭ ତାରିଖରୁ ଆରମ୍ଭ ହୋଇ ମେ'ପହିଲା ପର୍ଯ୍ୟନ୍ତ ଚାଲିବ । ମୁଖ୍ୟ ଉତ୍ସବ ଲଙ୍କାପୋଡି ଯାତ୍ରା ତଥା ରାବଣ ବଧ ଏପ୍ରିଲ ୩୦ରେ ଅନୁଷ୍ଠିତ ହେବ।

# ବୃଦ୍ଧାଙ୍କୁ ଛାଡ଼ିବା ଦାବିରେ ଆଦିବାସୀଙ୍କ ରାସ୍ତାରୋକୋ

ଖଲ୍ଲିକୋଟ,୨୦।୩(ପ୍ରଶାନ୍ତ କୁମାର ମିଶ୍ର)

**ମଦ ବିକ୍ରି ଅଭିଯୋଗରେ ଉଠାଇନେଲା ପୋଲିସ**



ଆଦିବାସୀମାନେ ରାସ୍ତାରୋକୋ କରିଛନ୍ତି।

ଖଲ୍ଲିକୋଟ ଥାନା ଅନ୍ତର୍ଗତ ଆଦିବାସୀ ବହୁଳ ଗୁହାରିଆପାଟ ଗ୍ରାମରେ ଦୀର୍ଘଦିନ ଧରି ମଦ ବିକ୍ରି କରୁଥିବା ଅଭିଯୋଗରେ ୬୦ ବର୍ଷୀୟା ବୃଦ୍ଧା ଲକ୍ଷ୍ମୀ ଜାନିଙ୍କୁ ଅବକାରୀ ଗୋଇନ୍ଦା ବିଭାଗ ବୁଧବାର ସକାଳେ ଉଠାଇ ନେଇଥିଲା। ଏହାର ପ୍ରତିବାଦରେ ଓ ନିର୍ଦ୍ଦୋଷ ବୃଦ୍ଧାଙ୍କୁ ତୁରନ୍ତ ଛାଡିବା ଦାବିରେ ଆଦିବାସୀମାନେ ଟାୟାର ଜାଳି ଖଲ୍ଲିକୋଟ-ବ୍ରହ୍ମପୁର ରାସ୍ତାରୋକୋ କରିଥିଲେ। ଫଳରେ ଉକ୍ତ ରାସ୍ତା ଦେଇ ଜରୁରୀ କାମରେ ଯାଉଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆଦିବାସୀମାନେ ଧନୁଶର, ଟାଙ୍ଗିଆ, କୁରାଢ଼ି ଆଦି ପାରମ୍ପରିକ ଅସ୍ତ୍ର ଧରି ଅପରାହ୍ନ ପ୍ରାୟ ୪ଟା ପର୍ଯ୍ୟନ୍ତ ରାସ୍ତାରେ ବସିଥିଲେ। ଯେ ପର୍ଯ୍ୟନ୍ତ ଆମ ମା'ଙ୍କୁ ପୋଲିସ ନ ଛାଡିଛି ସେ ଯାଏ ଆନ୍ଦୋଳନ ଚାଲିବ ବୋଲି ଜିଦ୍ ଧରିଥିଲେ। ପରେ ଖଲ୍ଲିକୋଟ ତହସିଲଦାର ଶ୍ରୀକୁମାର ରଥ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତରୋକୋ ହଟିଛି।

ବୃଦ୍ଧା ଲକ୍ଷ୍ମୀ ଜାନିଙ୍କ ଝିଅ କୁମାରୀ କହିଛନ୍ତି, ଆମେ ମଦ ବିକ୍ରି କରୁନୁ। ଆମର ଗୋଟିଏ ଛୋଟ ଜଳଖିଆ ଦୋକାନ ଅଛି। ମା' ଓ ମୁଁ ସେଠାରେ ଥିଲୁ। ପୋଲିସ କୌଣସି କାରଣ ନ ଥାଇ ମା'କୁ ଉଠେଇ ନେଲା। ଯେତେ ପଚାରିଲେ ମଧ୍ୟ କିଛି କହି ନ ଥିଲା ବୋଲି କୁମାରୀ ଅଭିଯୋଗ କରିଛନ୍ତି।

## ଟ୍ରେନରୁ ଖସି ବ୍ୟବସାୟୀଙ୍କ ମୃତ୍ୟୁ

ଫୁଲବାଣୀ, ୨୦।୩(ରାକେଶ କୁମାର ରାଉତ):

ଆନ୍ଧ୍ରପ୍ରଦେଶ ବିଜୟନଗରମ ଠାରେ ଟ୍ରେନରୁ ଖସିପଡ଼ି ଫୁଲବାଣୀ ନଦୀଖଣ୍ଡି ସାହିର ଯୁବ ବ୍ୟବସାୟୀ ମୋହନ ସାହୁ (୪୨)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ମୋହନ ତାଙ୍କ ପିତା ଓ ପରିବାର ସହ ତିରୁପତି ବୁଲିବା ପାଇଁ ଯାଇଥିଲେ। ରବିବାର ବୁଲାବୁଲି ସାରି ଟ୍ରେନ୍ ଯୋଗେ ଫେରୁଥିଲେ। ସୋମବାର ମଧ୍ୟ ରାତ୍ରରେ ସମସ୍ତେ ଶୋଇଥିବା ବେଳେ ମୋହନ ପରିସ୍ରା କରିବା ପାଇଁ ଟ୍ରେନର ଶୌଚାଳୟକୁ ଯାଇଥିଲେ। ଶୌଚାଳୟରୁ ବାହାରି ନିଜ ବର୍ଥକୁ ଫେରିବା ବାଟରେ ଗେଟ ପାଖରେ ପଡ଼ିଥିବା ପାଣିରେ ତାଙ୍କର ଗୋଡ଼ ଖସିଯିବାରୁ ସେ ଟ୍ରେନ୍ ବାହାରକୁ ଖସି ପଡ଼ିଥିଲେ। ଫଳରେ ଟ୍ରେନର ଟ୍ରାକ୍ ଭିତରେ ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ନ ଦେଖି ଖୋଜାଖୋଜି କରିଥିଲେ। ସେତେବେଳକୁ ଟ୍ରେନଟି ପ୍ରାୟ ୭୦ କିମି ଆଗକୁ ଚାଲି ଯାଇଥିଲା। ପରିବାର ଲୋକେ ଟ୍ରେନକୁ ଅଟକାଇ ଖୋଜାଖୋଜି କରିବା ପରେ ମୋହନ ବିଜୟନଗରମ ନିକଟରେ ପଡି ରହିଥିବା ସୂଚନା ମିଳିଥିଲା। ରେଳବାଇ ପୋଲିସକୁ ଖବର ଦିଆଯିବାରେ ପୋଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରି ବୁଧବାର ପରିବାରକୁ ହସ୍ତାନ୍ତର କରିଛି। ତାଙ୍କର ଏହି ଆକସ୍ମିକ ମୃତ୍ୟୁରେ ଶୋକର ଛାୟା ଖେଳିଯାଇଛି ।

# ରଣପୁର ମଣିନାଗ ସାହିରେ ବଧୂହତ୍ୟା

ନୟାଗଡ଼/ରଣପୁର,୨୦।୩

(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

**ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ**

ନୟାଗଡ଼ ଜିଲା ରଣପୁର ଥାନା ରଣପୁର ମଣିନାଗସାହିରେ ମଙ୍ଗଳବାର ରାତିରେ ସନ୍ଧ୍ୟାରାଣୀ ମହାରଣା ନାମକ ଜଣେ ମହିଳାଙ୍କୁ ଶାଶୁଘର ଲୋକ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ରଣପୁର ଥାନା ପୋଲିସ ଏକ ମାମଲା (ନଂ.୧୧୮/୨୪) ରୁଜୁ କରି ମୃତକଙ୍କ ସ୍ୱାମୀ ବିଷ୍ଣୁ ପ୍ରସାଦ ମହାରଣାଙ୍କୁ ଗିରଫ କରିଛି । ଗୁରୁବାର ବିଷ୍ଣୁଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି ।

ଅଭିଯୋଗ ଅନୁଯାୟୀ, ଖୋର୍ଦ୍ଧା ପୋଲିସ ଜିଲା ଥାନା ଅଧୀନ ପଣସପୁର ଗାଁର ବସନ୍ତ ମହାରଣାଙ୍କ ବଡ଼ ଝିଅ ସନ୍ଧ୍ୟା ରଣପୁର ଥାନା ଅନ୍ତର୍ଗତ ରଣପୁର ମଣିନାଗସାହିର ବିଷ୍ଣୁଙ୍କୁ ଗତ ୭ ବର୍ଷ ତଳେ ବିବାହ କରିଥିଲେ। ବିବାହ ସମୟରେ ବର ପକ୍ଷର ଦାବି ମୁତାବକ ଯୌତୁକ ଦିଆଯାଇଥିଲା । ଏହି ଦମ୍ପତି ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ବିବାହର କିଛି ବର୍ଷ ଏହି ଦମ୍ପତିଙ୍କ ସଂସାର ହସଖୁସିରେ ଚାଲିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସନ୍ଧ୍ୟାରାଣୀଙ୍କୁ ଶାଶୁ ଘର ପକ୍ଷରୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ମଝିରେ ମଝିରେ ସନ୍ଧ୍ୟାରାଣୀ ନିର୍ଯାତନା ସହି ନ ପାରି ବାପ ଘରକୁ ପଳାଇ ଆସୁଥିଲେ । ପରେ ଶାଶୁଘର ଲୋକମାନେ ଏହି ବିବାଦର ସମାଧାନ କରିବା ପରେ ସନ୍ଧ୍ୟା ଘରକୁ ଫେରୁଥିଲେ। ତେବେ ମଙ୍ଗଳବାର ରାତିରେ ଶାଶୁ ଘରେ ସନ୍ଧ୍ୟାରାଣୀଙ୍କ ମୃତଦେହ ପଡ଼ିଥିଲା। ଖବର ପାଇ ସନ୍ଧ୍ୟାରାଣୀଙ୍କ ବାପ ଘର ଲୋକମାନେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ତାଙ୍କ ଝିଅକୁ ହତ୍ୟା କରାଯାଇଛି ବୋଲି ସେମାନେ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ବୁଧବାର ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ନେଟ୍‌ୱର୍କ ନ ମିଳିଲେ ଭୋଟ ନାହିଁ

ଫୁଲବାଣୀ, ୨୦।୩(ରାକେଶ କୁମାର ରାଉତ):



କନ୍ଧମାଳ ଜିଲାର ଅନେକ ଗାଁରେ ଆଜି ବି ନେଟୱାକ ସମସ୍ୟା ଲାଗି ରହିଛି । ଆଜିର ଡିଜିଟାଲ ଯୁଗରେ ନେଟୱାର୍କ ନ ଥିବା ଗ୍ରାମର ଅବସ୍ଥା ନ କହିବା ଭଲ । ସବୁ ବେଳେ ପ୍ରତିଶ୍ରୁତି ମିଳୁଛି ହୋଇଯିବ। ହେଲେ ହେଉନାହିଁ । ଯଦି ଏଥର ନେଟୱାର୍କ ନ ମିଳିବ ତାହାଲେ ସାଧାରଣ ନିର୍ବାଚନରେ ଭୋଟ ଦେବୁନାହିଁ ବୋଲି କୋଟଗଡ ବ୍ଲକ ପକାରୀ ପଞ୍ଚାୟତର ବିଜେଡି ସଭାପତି ମଇଦ ନାଏକ, କଂଗ୍ରେସ ସଭାପତି ନିର୍ବାଚନ ଦିଗାଲ ପ୍ରକାଶ କରିଛନ୍ତି। ମୋଟ ୧୧ଟି ୱାର୍ଡକୁ ନେଇ ପକାରୀ ପଞ୍ଚାୟତ ଗଠିତ। ପ୍ରାୟ ୬ ହଜାର ଲୋକ ଏଠାରେ ବସବାସ କରୁଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟରେ କେବଳ ଗୋଟିଏ ବିଏସ୍‌ଏନଏଲ୍ ଟାୱାର ରହିଛି, ଯାହା କି ଠିକ ଭାବରେ କାମ କରୁନାହିଁ । ଅନେକ ଶିକ୍ଷାନୁଷ୍ଠାନ ରହିଥିବା ବେଳେ ଛାତ୍ରୀଛାତ୍ରଙ୍କ ପାଠ ପଢାଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ କାମରେ ବାଧା ସୃଷ୍ଟି ହେଉଛି। ପଞ୍ଚାୟତବାସୀ ବାରମ୍ବାର ଆଉ ଏକ ବିଏସ୍‌ଏନ୍‌ଏଲ୍ କିମ୍ବା ଜିଓ ଟାୱାର ବସାଇବା ପାଇଁ ବାରମ୍ବାର ଦାବି କରି ଆସୁଛନ୍ତି। ତଥାପି ସମସ୍ୟାର ସମାଧାନ ହୋଇପାରୁନାହିଁ। ଏହି ସମସ୍ୟାର ସମାଧାନ ପାଇଁ ସରପଞ୍ଚ ସକଡା ରୁପମାଝି ଓ ନାଏବ ସରପଞ୍ଚ ରଶ୍ମିତା ନାଏକଙ୍କ ସହ ଗ୍ରାମବାସୀ ଆସି ଜିଲାପାଳ ଆଶିଷ ଇଶ୍ୱର ପାଟିଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

# ବିଶ୍ୱ ଘରଚଟିଆ ଦିବସ ପାଳିତ

**ଭଞ୍ଜନଗର,୨୦।୩(ବାବୁଲା ପ୍ରଧାନ)**

ଭଞ୍ଜନଗର ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟରେ ବୁଧବାର ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଅଜିତ କୁମାର ଶତପଥୀ ବୈଠକରେ ସଭାପତିତ୍ୱ କରିଥିଲେ। ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ଘରଚଟିଆ ଦିବସ ପାଳନର ଆବଶ୍ୟକତା ଏବଂ ପରିବେଶ ସୁରକ୍ଷା ବାବଦରେ ଆଲୋଚନା କରିଥିଲେ। ପ୍ରଧାନଗୁରୁଜୀ ପଞ୍ଚାନନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପକ୍ଷୀଟିର ସୁରକ୍ଷା ଏବଂ ସେମାନଙ୍କ ବଂଶ ବୃଦ୍ଧି ସକାଶେ ବୈଠକରେ ମତ ପ୍ରକାଶ ପାଇଥିଲା।

# ପଖାଳ ଦିବସରେ ଡିଜିଟାଲ ଆର୍ଟ କଲେ ନୀହାର

ଦାରିଙ୍ଗବାଡି,୨୦।୩(ଅରୁଣ ସାହୁ):



କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳର ନିହାର ରଞ୍ଜନ ସାହୁ ନିଜ ମୋବାଇଲରେ ଡିଜିଟାଲ ଆର୍ଟ ମାଧ୍ୟମରେ ଅନେକ ଚିତ୍ର ଆଙ୍କି ସାରା ଜିଲା ତଥା ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଥିବା ବେଳେ ପଖାଳ ଦିବସରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପଖାଳ ଚିତ୍ର ପ୍ରସ୍ତୁତ କରି ଅଞ୍ଚଳରେ ବହୁ ପ୍ରଂଶସା ପାଇଛନ୍ତି। ସେ ପଖାଳ ଦିବସ ଅବସରରେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ଜଗତରନାଥ ଶ୍ରୀ ଜଗନ୍ନାଥ ଏବଂ ଓଡ଼ିଶାବାସୀଙ୍କ ପ୍ରିୟ ଖାଦ୍ୟ ପଖାଳ ସମ୍ପର୍କରେ ବର୍ଣ୍ଣନା କରି କହିଛନ୍ତି ଯେ, ମହାପ୍ରଭୁଙ୍କ ପାଖରେ ସଂଧ୍ୟା ଧୂପ ଏବଂ ବଡ଼ସିଂହାର ଭୋଗରେ ଲାଗି ହେଉଥିବା ବିଭିନ୍ନ ପଖାଳ ଲାଗି ହୋଇଥାଏ। ତେଣୁ ସେ ଏହି ଡିଜିଟାଲ ଚିତ୍ର ମାଧ୍ୟମରେ ଚିତ୍ର କରିଥିବା କହିଛନ୍ତି।

# କୋଦଳା କୋର୍ଟ ନୂତନ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

କୋଦଳା,୨୦।୩(ଅମିତ କୁମାର ପଟ୍ଟନାୟକ)

କୋଦଳା କୋର୍ଟର ନୂତନ ଗୃହ ପାଇଁ ବୁଧବାର କୋଦଳା ଏନଏସି କାର୍ଯ୍ୟାଳୟ ନିକଟସ୍ଥ ଏକ ସ୍ଥାନରେ ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଭିଡିଓ କନଫରେନ୍ସରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିରେ ହାଇକୋର୍ଟ ବିଲଡିଂ କମିଟି ଅଧ୍ୟକ୍ଷ ଜଷ୍ଟିସ ବି ଆର ସରଙ୍ଗୀ, ଜିଲା ବିଚାରପତି ଡି ଦାସ, କୋଦଳା ଅତିରିକ୍ତ ଜିଲା ବିଚାରପତି ଚିନ୍ମୟ ଗଛାୟତ, ସବଜଜ୍ ବନାଳି ତ୍ରିପାଠୀ, ପ୍ରଥମ ଶ୍ରେଣୀ ବିଚାରପତି ବିମଳ ଲକ୍ଷ୍ମୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଓକିଲ ସଂଘ ସଭାପତି ପୂର୍ଣଚନ୍ଦ୍ର ମିଶ୍ର, ଉପସଭାପତି ଅବନୀ ଶଙ୍କର ମିଶ୍ର, ସମ୍ପାଦକ ଗୋପାଳ କୃଷ୍ଣ ସାହୁ, ଯୁଗ୍ମ ସମ୍ପାଦକ ଭାସ୍କର ସ୍ୱାଇଁ, ଅତିରିକ୍ତ ସରକାରୀ ଓକିଲ ସୁବାଷ ଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ ପ୍ରଫୁଲ କୁମାର ମିଶ୍ର, ଭଗବାନ ହୋତା, ନୀଳାଞ୍ଚଳ ପୋଲାଇ, ହରପ୍ରସାଦ ସାହୁ, ମାନସ କୁମାର ମିଶ୍ର, ସୋମନାଥ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଘରଚଟିଆ ସୁରକ୍ଷା ପାଇଁ ଶପଥ

ରମ୍ଭା,୨୦।୩(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ ପାଲିବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଋଷିକୁଲ୍ୟା କଇଁଛ ସୁରକ୍ଷା ସମିତି ପକ୍ଷରୁ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ତଥା ପରିବେଶବିତ୍ ରବୀନ୍ଦ୍ର ନାଥ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଓଡିଶା ସାମ୍ବାଦିକ ସଂଘ ଗଞ୍ଜାମ ଜିଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ସମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଘରଚଟିଆର ସୁରକ୍ଷା, ବଂଶ ବୃଦ୍ଧିର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ନିରୀହ ପକ୍ଷୀ ବଂଶର ସଂରକ୍ଷଣ ପାଇଁ ପରିବେଶବିତ ସାହୁଙ୍କ ଉଦ୍ୟମ ଓ ପୁରୁଣାବନ୍ଧ ଗ୍ରାମବାସୀଙ୍କ ସହଯୋଗ କରୁଥିବାରୁ ପ୍ରଶଂସା କରିଥିଲେ। ପୁରୁଣାବନ୍ଧ ଗ୍ରାମ୍ୟ ସଭାପତି ମାଗତା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତିଲତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଘରଚଟିଆଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବେ ବୋଲି ଶପଥ ନେଇଥିଲେ।

# ବୁଲାଗୋରୁଙ୍କ କବ୍‌ଜାରେ ମୁଖ୍ୟରାସ୍ତା

ଗଞ୍ଜାମ,୨୦।୩(ବିଦ୍ୟାଧର ସାହୁ)

**୨ ଦିନ ପରେ ଐତିହାସିକ ଦୋଳଯାତ୍ରା**



ଗଞ୍ଜାମ ସହରରେ ବୁଲାଗୋରୁଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଉ ୨ଦିନ ପରେ ଗଞ୍ଜାମ ସହରରେ ଐତିହାସିକ ଦୋଳ ଯାତ୍ରା। ଏଥିପାଇଁ ସମସ୍ତ ସାହିରେ ଯାତ୍ରା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ସାହି ଯାତ୍ରା ପରେ ହେବ ବଜାର ଯାତ୍ରା। ସବୁ ସାହିର ପ୍ରାୟ ୧୬ଟି ମେଢ଼ ଏକା ସାଙ୍ଗରେ ବିରାଟ ଶୋଭାଯାତ୍ରାରେ ଆସି ବଜାରରେ ପହଞ୍ଚିବା ପରେ ବଜାର ଯାତ୍ରା ଅନୁଷ୍ଠିତ ହେବ। ବୁଲାଗୋରୁ ଯାତ୍ରା ସମୟରେ ସମସ୍ୟା ସୃଷ୍ଟି କରିବେ। ଏହି ସମସ୍ୟା ସମାଧାନ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରାଯାଇ ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନି। ସନ୍ଧ୍ୟା ହେଲେ ଗୋରୁପଲ ସାନବଜାରଠାରୁ ବଡ଼ ବଜାର ଏବଂ ତ୍ରିବେଣୀ ମଠ ଛକ ପର୍ଯ୍ୟନ୍ତ ରାସ୍ତା ମଝିରେ ମାଳମାଳ ହୋଇ ବୁଲୁଥିବାରୁ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ତଥାପି ପ୍ରଶାସନର ଚେତା ପଶୁନାହିଁ। ସେହିପରି ପ୍ରତ୍ୟେକ ସନ୍ଧ୍ୟାରେ ୫୦ରୁ ଊର୍ଦ୍ଧ୍ୱ ମଇଁଷି ବଜାର ମୁଖ୍ୟ ରାସ୍ତାରେ ନିଆଯାଉଥିବାରୁ ଉଭୟ ରାସ୍ତାର ଉଭୟ ପଟେ ସାଇକେଲ ଆରୋହୀଙ୍କଠାରୁ ଆରମ୍ଭ କରି ଦୁଇଚକିଆ, ଚାରି ଚକିଆ ଯାନ ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକି ରହୁଛି। ଯାତ୍ରା ପୂର୍ବରୁ ଏନେଇ ଏନଏସି ପ୍ରଶାସନ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏସମ୍ପର୍କରେ ଏନଏସି ଇଓ ଅପର୍ଣ୍ଣା ଡାଙ୍ଗୁଆଙ୍କୁ ପଚାରିବାରୁ ଯାତ୍ରା ସମୟରେ ଏନଏସି ଅସ୍ଥାୟୀ ସୁଇପରଙ୍କ ଦ୍ୱାରା ବଜାରରୁ ବୁଲାଗୋରଙ୍କୁ ଘଉଡ଼ାଇ ଦିଆଯିବ ବୋଲି କହିଛନ୍ତି। ଯାତ୍ରା ସରିବା ପରେ ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ପୂର୍ବତନ ଏନଏସି ଉପାଧ୍ୟକ୍ଷ ନୀଳାଞ୍ଚଳ ବାରିକି କହିଛନ୍ତି ରାସ୍ତାରେ ଗୋରୁ ବୁଲୁଥିବାରୁ ଦୁର୍ଘଟଣା ତ ହେଉଛି । ସେଥିରେ ଗାଈଗୋରୁଙ୍କ ମଧ୍ୟ ପ୍ରାଣ ହାନି ମଧ୍ୟ ଘଟୁଛି। ଏଥିସହ ବିଭିନ୍ନ ପଲିଥିନ ଓ ଅଖାଦ୍ୟ ଖାଇ ଗୋରୁମାନେ ମୃତ୍ୟୁମୁଖରେ ପଡୁଛନ୍ତି। ତେଣୁ ଗାଈ ମାଲିକଙ୍କୁ ଚିହ୍ନଟ କରି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

## ରଘୁନାଥ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଦଶପଲ୍ଲା,୨୦।୩ (ପ୍ରକାଶ କୁମାର ପାଣି)

ଦଶପଲ୍ଲାର ଶ୍ରୀରଘୁନାଥଜୀଉଙ୍କ ପରିବର୍ଦ୍ଧିତ ମନ୍ଦିରର ୧୫ତମ ପ୍ରତିଷ୍ଠା ଦିବସ ଦେବସ୍ଥାନ ଉନ୍ନୟନ ପରିଷଦ ଟ୍ରଷ୍ଟ ଆନୁକୂଲ୍ୟରେ ପାଳନ କରାଯାଇଛି। ଟ୍ରଷ୍ଟର ସମ୍ପାଦକ ଇଂ. ସହଦେବ ସିଠଙ୍କ ସୂଚନା ଅନୁଯାୟୀ ସକାଳୁ ଶ୍ରୀରଘୁନାଥଜୀଉ ଓ ଶ୍ରୀହନୁମାନ ଜୀଉଙ୍କ ପୂଜାର୍ଚ୍ଚନା କରାଯାଇ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଆୟୋଜିତ ହୋମରେ କର୍ତ୍ତା ଭାବେ ରାଜେନ୍ଦ୍ର ପ୍ରସାଦ ଦାଶ,ପୂଜକ ମୃତ୍ୟୁଞ୍ଜୟ ମିଶ୍ର ଓ ବିବେକାନନ୍ଦ ମିଶ୍ର ପୂଜାକାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି । ଟ୍ରଷ୍ଟିର ସଭାପତି ବିଜୟ କୁମାରମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ହୋମଯଜ୍ଞ ଚାଲିଛି। ୬୫ଫୁଟ ଉଚ୍ଚତା ବିଶିଷ୍ଟ ମନ୍ଦିର ନିର୍ମାଣ କାର୍ଯ୍ୟରେ ୪.୪୨ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏବ ମନ୍ଦିର ଚତୁଃପାର୍ଶ୍ୱ ରୂପାନ୍ତରଣ କାମ ଚାଲୁ ରହିଛି।

# ବର୍ଷାରେ ଦବିଲା ଦୟଣାଚୋରି ପୋଖରୀର କଂକ୍ରିଟ୍ କାମ

## ନୀଳମାଧବ ବିକାଶ ପ୍ରକଳ୍ପକୁ ନେଇ ଚିନ୍ତା

ଖଣ୍ଡପଡ଼ା,୨୦।୩ (ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ ତଥା ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ କଣ୍ଟିଲୋର ଶ୍ରୀନୀଳମାଧବ ପୀଠର ବିକାଶ ନିମନ୍ତେ ରାଜ୍ୟ ସରକାର ୧୦୦କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି । ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲୁ ରହିଛି। ତେବେ ପ୍ରଥମ ପର୍ଯ୍ୟାୟରେ ଠାକୁରଙ୍କ ଦୟଣାଚୋରି ବଗିଚା କାର୍ଯ୍ୟ ଆରମ୍ଭ ହୋଇଥିଲା । ହେଲେ ସାମାନ୍ୟ ବର୍ଷାରେ ଉକ୍ତ ପୋଖରୀର ସିମେଣ୍ଟ କଂକ୍ରିଟ କାମ ଦବି ଯାଇଛି। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ବୁଧବାର ଶ୍ରୀ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ, ଲକ୍ଷ୍ମୀ, ସରସ୍ୱତୀ ବିମାନରେ ଆରୁଢ ହୋଇ ସନ୍ଧ୍ୟାରେ ଦୋଳ ପରିକ୍ରମା ପାଇଁ ଦୟଣାଚୋରି ବଗିଚାକୁ ବିଜେ କରିଥିଲେ। ହେଲେ ପୋଖରୀର ପାହାଚ ପାର୍ଶ୍ୱ କଂକ୍ରିଟ୍ କାମ ବର୍ଷାରେ ଦବି ଯାଇଥିବା ଦେଖିବାକୁ ମିଳିଥିଲା । ଏହାକୁ ନେଇ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ସୂଚନାଯୋଗ୍ୟ, ଓଡ଼ିଶା ସେତୁ ନିର୍ମାଣ ନିଗମ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ବିକାଶ ପ୍ରକଳ୍ପର ଦୟଣାଚୋରି ବଗିଚା ପ୍ରାଚୀର ଓ ଅନ୍ୟାନ୍ୟ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଥିଲା । ଏ କଥା ଜାଣିବା ପରେ ୨୦୨୩ ମାର୍ଚ୍ଚ ୧୭ରେ ସ୍ଥାନୀୟ ସମିତି ସଭ୍ୟା ଶିଖା ବେହେରା, ତାଙ୍କ ପ୍ରତିନିଧି ସରୋଜ କୁମାର ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ନୀଳମାଧବ ଜୀଉଙ୍କ ଦୟଣାଚୋରି ବଗିଚାରେ ନିର୍ମାଣ ହେଉଥିବା ସୁରକ୍ଷା ପ୍ରାଚୀର କାମ ତଦାରଖ କରିଥିଲେ । ବିଧି ବ୍ୟବସ୍ଥା କ୍ରମେ ବାଲି, ମେଟାଲ ଓ କଂକ୍ରିଟ ମାପ ପାଇଁ ବକ୍ସ(ପେଡି)ର ବ୍ୟବସ୍ଥା ରହିଛି । ହେଲେ ସୁରକ୍ଷା ପ୍ରାଚୀର ପାଇଁ ନିର୍ମାଣ ହେଉଥିବା ପିଲର ଫାଉଣ୍ଡେଶନ କାର୍ଯ୍ୟରେ ବହୁ ଅନିୟମିତତା ହେଉଥିବା ସମ୍ପର୍କରେ ଉପସ୍ଥିତ ଜଣେ କାର୍ଯ୍ୟ ନିର୍ବାହୀକୁ ଏ ସମ୍ପର୍କରେ ପଚାରିଥିଲେ । ହେଲେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ । ଫଳରେ ସଂପୃକ୍ତ ବ୍ୟକ୍ତିମାନେ କାମକୁ ବନ୍ଦ କରିଥିଲେ । ଏ ସମ୍ପର୍କରେ ବିକାଶ ପ୍ରକଳ୍ପ ଦାୟିତ୍ୱରେ ଥିବା ସୁପରଭାଇଜର ଇଂ. ପ୍ରସନ୍ନ କୁମାର ବଳବନ୍ତରାୟଙ୍କୁ ପଚାରିବାରେ ତୁରନ୍ତ କାମ ଶେଷ କରିବାକୁ ନିର୍ଦ୍ଦେଶ ଥିବାରୁ ଗତ ୧୫ ଦିନ ମଧ୍ୟରେ କାମ କରାଯାଇଥିଲା । ଏ ସମ୍ପର୍କରେ ସେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବେ ବୋଲି କହିଛନ୍ତି। ବିଭାଗୀୟ ଅଧିକାରୀମାନେ ଏ ନେଇ ଦୃଷ୍ଟି ଦେବାକୁ ଦାବି ହୋଇଛି।



ଦୟଣାଚୋରି ପୋଖରୀର କଂକ୍ରିଟ୍ କାମ ବର୍ଷାରେ ଦବିଯାଇଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅମାନତ



@ କାହ୍ନୁ



@ ଶ୍ରୀନିବାସ



@ ମନୋଜ



@ ବୈଦ୍ୟନାଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଇକ୍ ସହ ୧୨.୬୫ ଗ୍ରାମ ବ୍ରାଉନସୁଗାର ଜବତ

## ଜେଲ ଗଲେ ବ୍ରାଉନସୁଗାର ବ୍ୟବସାୟୀ

ନୟାଗଡ଼,୨୦।୩ (ଲୋକନାଥ ମିଶ୍ର)

ଇଟାମାଟି ଥାନା ପୋଲିସ ବାଇକ୍ ସହ ୧୨.୬୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ଆକ୍ଲୁଲାଇପାଟଣା ଗାଁର ମନୋଜ କୁମାର ନାୟକ(୨୭)ଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ମନୋଜଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଇଟାମାଟି ଥାନା ଆଇଆଇସି ଦିଲୀପ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ଆକ୍ଲୁଲାଇପାଟଣା ଗାଁର ମନୋଜ ଚମ୍ପତିପୁର ପଞ୍ଚାୟତ ପାଖ ଜଙ୍ଗଲିଆ ଅଞ୍ଚଳରେ ବ୍ରାଉନସୁଗାର ବ୍ୟବସାୟ କରନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ପକ୍ଷରୁ ବ୍ରାଉନସୁଗାର ଜବତ ସହିତ ତାଙ୍କୁ ଗିରଫ ପାଇଁ ଉଦ୍ୟମ କରାଯାଇଥିଲା । ଏହି ଚଢ଼ାଉ ସମୟରେ ମନୋଜଙ୍କ ଠାରୁ ଏକ ବାଇକ୍(ନଂ.ଓଡି୨୫ ଜି ୫୬୬୬) ସହ ବ୍ରାଉନସୁଗାର ଜବତ କରାଯାଇଛି । ଜବତ ବ୍ରାଉନସୁଗାରର ଦାମ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ । ମନୋଜ ବ୍ରାଉନସୁଗାର କେଉଁଠୁ ଆଣୁଥିଲେ କହି ନ ଥିଲେହେଁ ତଦନ୍ତରୁ ଖୋର୍ଦ୍ଧାରୁ ଆଣୁଥିଲେ ବୋଲି ଜଣାପଡିଛି ବୋଲି ପୋଲିସ କହିଛି।



ମନୋଜ କୁମାର ନାୟକ

# ୧୦ କେଜି ଗଞ୍ଜେଇ ଜବତ

## ଓଏସ୍‌ଆର୍‌ଟିସି ବସ୍‌ରେ ଆସୁଥିଲା

ନୟାଗଡ଼,୨୦।୩ (ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ପୋଲିସ ଓଏସ୍‌ଆରଟିସି ବସରୁ ୧୦ କେଜି ୪୧୫ ଗ୍ରାମ ଗଞ୍ଜେଇ ଜବତ କରିବ ସହ ଜଣେ ମହିଳା ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ମଙ୍ଗଳବାର କନ୍ଧମାଳ ଜିଲା ଫୁଲବାଣୀ ଟାଉନ ଥାନା ଜିରିଙ୍ଗିପଡା ଗାଁର ସକୁନ୍ତଳା ବେହେରାଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ନୟାଗଡ ସଦର ଥାନା ଆଇଆଇସି ଅନିତା ସାହୁଙ୍କ ସୂଚନା ଅନୁଯାୟୀ, ଓଡି୦୨ସିଇ ୭୫୫୬ ନଂ ଓଏସ୍‌ଆରଟିସି ବସରେ ଫୁଲବାଣୀରୁ ଗଞ୍ଜେଇ ଆସୁଥିବାବେଳେ ଶିମିଳିସାହି ଛକ ନିକଟରେ ମଙ୍ଗଳବାର ସଦର ଥାନା ପୋଲିସ ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତା ମହିଳାଙ୍କୁ ଗିରଫ କରିଥିଲା । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୬୬/୨୪) ରୁଜୁ ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି।



ସକୁନ୍ତଳା ବେହେରା

# ଦୟଣାଚୋରି ବଗିଚାକୁ ବିଜେ ହେଲେ ମଦନମୋହନ

ଖଣ୍ଡପଡ଼ା,୨୦।୩ (ଅଜୟ କୁମାର ମହାରଣା)

ଫାଲଗୁନ ଶୁକ୍ଳପକ୍ଷ ତିଥି ବୁଧବାରଠାରୁ ଠାକୁରଙ୍କ ଦୋଳ ପର୍ବ(ଫଗୁ ଦଶମୀ) ଆରମ୍ଭ ହୋଇଛି । ଏହି ଅବସରରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ଏକ ସୁସଜ୍ଜିତ ବିମାନରେ ସନ୍ଧ୍ୟା ଆଳତୀ ପରେ ମନ୍ଦିରରେ ଚଣା, ଖଜା ଓ ଆମ୍ବ ନୈବେଦ୍ୟ ଅର୍ପଣ ପୂଜା ଫଗୁ ଖେଳ କରାଯାଇଥିଲା। ଏହାପରେ ମନ୍ଦିର ସିଂହଦ୍ୱାର ଅନତି ଦୂରରେ ଥିବା ନୀଳମାଧବ ଜୀଉଙ୍କ ଦୟଣାଚୋରି ବଗିଚାକୁ ବିଜେ କରାଯାଇଥିଲା

ପରମ୍ପରା ଅନୁଯାୟୀ, ଫାଲଗୁନ ଶୁକ୍ଳ ଦଶମୀ ତିଥିଠାରୁ ଠାକୁରଙ୍କ ଦୋଳନୀତି ୭ଦିନରୁ ୮ଦିନ ହେବାର ପରମ୍ପରା ନାହିଁ। ମାତ୍ର ଚଳିତ ବର୍ଷ ମଳରେ ତୃତୀୟା ତିଥି ପଡୁଥିବାରୁ ମଙ୍ଗଳବାର ପ୍ରଭୁଙ୍କ ଦୋଳନୀତି କରା ନ ଯାଇ ବୁଧବାର ଏକାଦଶୀ ତିଥିରେ ଦୋଳନୀତି ଆରମ୍ଭ ହୋଇଛି । ନୀଳମାଧବ ଜୀଉଙ୍କ ଚାଚେରୀ ବେଶ ସମ୍ପନ୍ନ ହୋଇ ସନ୍ଧ୍ୟା ଆଳତୀ ପରେ ଚଣା, ଖଜା ଓ ଆମ୍ବ ପୂଜା ହୋଇ ଠାକୁରଙ୍କ ପାଖରେ ଫଗୁ ଲାଗି ହୋଇଥିଲା । ଫଗୁ ଖେଳପରେ ଠାକୁରଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ଏକ ସୁସଜ୍ଜିତ ବିମାନରେ ନୀଳମାଧବଜୀଉଙ୍କ ଦୟଣାଚୋରି ବଗିଚାକୁ ବିଜେ କରାଯାଇଥିଲା । ତେବେ ପୂର୍ବ ପରମ୍ପରା କ୍ରମେ ପ୍ରତି ବର୍ଷ ଦୋଳ ଏବଂ ଚମ୍ପକ ଦ୍ୱାଦଶୀକୁ ଠାକୁର ଏହି ବଗିଚାକୁ ବିଜେ ହୋଇଥାଆନ୍ତି । ବୁଧବାର ସନ୍ଧ୍ୟା ପ୍ରାୟ ୮ଟାରେ ବଗିଚାକୁ ବିଜେ ହେବା ପରେ ସେଠାରେ ପରମ୍ପରା ଅନୁଯାୟୀ ଠାକୁରଙ୍କ ଦୋଳ ନୀତି ଓ ଚଣା, ଖଜା ଓ ଆମ୍ବ ପୂଜା ସମ୍ପନ୍ନ ପରେ ଆଳତୀ ହୋଇଥିଲା । ପରେ ଠାକୁରଙ୍କୁ ଫଗୁରେ ଚନ୍ଦନ ମିଶ୍ରଣ କରାଯାଇ ପ୍ରଲେପ ଦିଆଯାଇଥିଲା । ପରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ଦେହରେ ଫଗୁ ଛିଞ୍ଚା ଯାଇଥିଲା । ଫଗୁ ଖେଳପରେ ଶ୍ରୀଜୀଉଙ୍କୁ ବିମାନରେ ବିଜେ କରାଯାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା । ଗୁରୁବାର ଠାରୁ ୩ଦିନ ପର୍ଯ୍ୟନ୍ତ ସନ୍ଧ୍ୟା ଧୂପପରେ ବଗିଚାକୁ ବିଜେ କରାଯିବାର ପରମ୍ପରା ରହିଛି । ଠାକୁର ମନ୍ଦିରକୁ ବିଜେ ହେବାରେ ସନ୍ଧ୍ୟାଧୂପ, ବଡ଼ ସିଂହାର, ଡମ୍ବରୁ ବିଜେ, ବିଡିଆ ଲାଗି ପରେ ପହଡ ଯାଇଥିଲେ ।



ଦୋଳ ବିମାନକୁ ଦୟଣାଚୋରି ବଗିଚାକୁ ନିଆଯାଉଛି।

# ରାମଚରିତ ମାନସ ନବାହ୍ନ ପାରାୟଣ

## ମନ୍ଥରା, ବନଗମନ, କୈବର୍ତ୍ତ ପ୍ରସଙ୍ଗ ଶ୍ରବଣ କଲେ ଶ୍ରଦ୍ଧାଳୁ

ଖଣ୍ଡପଡ଼ା,୨୦।୩(ଅଜୟ କୁମାର ମହାରଣା)

ବିଶ୍ୱର କଲ୍ୟାଣ ଆଧ୍ୟାତ୍ମିକ ଚେତନାର ବିକାଶ ପାଇଁ ୯ଦିନ ବ୍ୟାପୀ ୩୯ତମ ବାର୍ଷିକ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଖଣ୍ଡପଡ଼ା ହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଖଣ୍ଡପଡା ପଶ୍ଚିମ ମୁଖା ମହାବୀର ପୀଠ(ମୁକ୍ତିତୀର୍ଥ)ରେ ଚାଲିଛି । ବୁଧବାର ୪ର୍ଥ ସନ୍ଧ୍ୟାରେ ଆୟୋଜିତ ପ୍ରବଚନରେ ପ୍ରବକ୍ତା ସାରଙ୍ଗଧର ଦାସ ମନ୍ଥରା ପ୍ରସଙ୍ଗ,ବନଗମନ, କୈବର୍ତ୍ତ ପ୍ରସଙ୍ଗ ଉପରେ ପ୍ରବଚନ ପ୍ରଦାନ କରିଥିଲେ । ବର୍ଷା ପାଗ ସତ୍ତ୍ୱେ ଆୟୋଜିତ କାର୍ଯ୍ୟକ୍ରମକୁ ହନୁମାନ ମନ୍ଦିର ପରିଚାଳନା କମିଟିର ସଭାପତି କାଶୀନାଥ ଦାସ, ସମ୍ପାଦକ ବିଜୟ କୁମାର ରାଉତଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ । ପ୍ରବଚନ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ ।

# ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଓଡ଼ଗାଁ ୨୦।୩ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ୍ ରୋଡ ସରକାରୀ କଲ୍ୟାଣୀ ମଣ୍ଡପରେ ବଚପନ ଓ ଗାଇଡାନ୍ସ ପବ୍ଲିକ ସ୍କୁଲର ନବମ ବାର୍ଷିକ ଉତ୍ସବ ତଥା ମେମୋରିୟା ୨୦୨୩-୨୪ ଚେୟାରମ୍ୟାନ ଅବିନାଶ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଦାମୋଦର ଖିଲାର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଶାନ୍ତିଲତା ଦେବୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଭୁପ୍ରସାଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନେ ମୋବାଇଲ ବ୍ୟବହାର କମ୍ କରିବାକୁ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ଅଧକ୍ଷ ରଞ୍ଜନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ସହିତ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। କୃତୀପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ କର୍ମଚାରୀମାନଙ୍କୁ ଉତ୍ସାହିତ କରିବା ପାଇଁ ମେମୋରିୟା ସ୍ମାରକୀ ପ୍ରଦାନ କରାଯାଇଥିଲା।

# ବୁଥ୍‌ରେ ପହଞ୍ଚିବା ନିୟମର ପରିବର୍ତ୍ତନ ଦାବି

## ମହିଳାମାନଙ୍କ ପାଇଁ ୧୨୦ ପିଙ୍କ୍ ବୁଥ୍

ନୟାଗଡ଼,୨୦।୩ (ଲୋକନାଥ ମିଶ୍ର)

ସାଧାରଣ ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ବୁଥରେ ପହଞ୍ଚିବା ନିୟମକୁ ବଦଳାଇବାକୁ ଦାବି ଉଠିଛି। ପୂର୍ବରୁ ପ୍ରଚଳିତ ନିୟମକୁ ବଦଳାଇ ଚଳିତ ବର୍ଷ ଭୋଟ ଗ୍ରହଣର ମାତ୍ର ଗୋଟିଏ ଦିନ ପୂର୍ବରୁ ବୁଥରେ ପହଞ୍ଚିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ନିୟମ କରାଯାଇଛି। ଏଭଳି ନିୟମକୁ ନେଇ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ସୂଚନା ଅନୁଯାୟୀ, ଭୋଟ ଗ୍ରହଣର ଦିନକ ପୂର୍ବରୁ ପୋଲିଂ ଅଫିସରମାନେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ଇଭିଏମ୍, ଭୋଟ କାଗଜପତ୍ର ଗ୍ରହଣ କରି ଭୋଟଦାନ କେନ୍ଦ୍ରକୁ ଯିବେ । ହେଲେ ବଣ ପାହାଡ଼ ଘେରା ନୟାଗଡ଼ ଜିଲାରେ ଛାମୁଣ୍ଡିଆ, କଳସାଖିମଣ, ବଣପଲ୍ଲୀ, ବାଣିଗୋଛା, ଟାକେରା ପରି ଅନେକ ଦୁର୍ଗମ ଅଞ୍ଚଳ ରହିଥିବା ବେଳେ ଏହି ସବୁ ସ୍ଥାନକୁ ଯାନବାହନରେ ଯିବା ସୁବିଧା ନୁହେଁ। ଏପରି କି ଚାଲି ଚାଲି ଯିବା ସୁବିଧା ନୁହେଁ। ଏଣୁ ନିର୍ବାଚନ ପୂର୍ବଦିନ ଏହିସବୁ ସ୍ଥାନରେ ପହଞ୍ଚିବା ବେଳକୁ ଅପରାହ୍ନ କିମ୍ବା ସନ୍ଧ୍ୟା ସମୟ ହୋଇ ଯାଇପାରେ। ଏଭଳିସ୍ଥଳେ ଭୋଟ ଗ୍ରହଣ ପାଇଁ ଆବଶ୍ୟକ ଖାଦ୍ୟପେୟ ତଥା କାଗଜପତ୍ର ଏବଂ ଭୋଟକେନ୍ଦ୍ର ପ୍ରସ୍ତୁତି କେତେ ବେଳେ କରିବେ ତାହାକୁ ନେଇ ଚିନ୍ତାରେ ପଡିଛନ୍ତି ପୋଲିଂ ଅଫିସରମାନେ। ଅନ୍ୟପକ୍ଷେ ଭୋଟ ଗ୍ରହଣ ସକାଳ ୭ଟାରୁ ଆରମ୍ଭ ହୋଇ ନିରବଚ୍ଛିନ୍ନ ଭାବେ ସଂଧ୍ୟା ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ସକାଳ ସାଢେ ୫ଟାରେ ମକ ପୋଲିଂ କରାଯିବ । ଅର୍ଥାତ ପୋଲିଂ ଅଫିସରମାନେ ସକାଳ ୫ଟା ସୁଦ୍ଧା ନିଜ ନିତ୍ୟକର୍ମ ସାରି ଏବଂ ଖାଦ୍ୟପେୟ ଗ୍ରହଣ କରି ଭୋଟକେନ୍ଦ୍ରରେ ଉପସ୍ଥିତ ରହିବେ । ମଝିରେ କୌଣସି ବିରତି ନ ଥିବା ବେଳେ ଦିନସାରା ଉପବାସରେ ରହି ପୋଲିଂ ଅଫିସରମାନେ ଭୋଟକାର୍ଯ୍ୟ ସମାପନ କରିବାକୁ ନିର୍ବାଚନ କମିଶନଙ୍କ କଡ଼ା ନିର୍ଦ୍ଦେଶ ରହିଛି । ଭୋଟ ଗ୍ରହଣ କାର୍ଯ୍ୟପରି ଏକ କଠିନ ଏବଂ ଦାୟିତ୍ୱ ସମ୍ପନ୍ନ କାର୍ଯ୍ୟକୁ ପୋଲିଂ ଅଫିସରମାନେ ନିର୍ବାହ କରୁଥିବା ବେଳେ ଗୋଟେ ଦିନ ପୂର୍ବରୁ ଖୁବ କମ ସମୟ ମଧ୍ୟରେ କିପରି ନିଜକୁ ପ୍ରସ୍ତୁତ କରିବେ ତାହାକୁ ନେଇ ଚିନ୍ତାରେ ପୋଲିଂ କର୍ମଚାରୀମାନେ । ତେବେ ପୂର୍ବନିର୍ବାଚନରେ ପ୍ରଚଳିତ ଥିବା ନିୟମ ଅନୁସାରେ ଦୁଇଦିନ ପୂର୍ବରୁ ଭୋଟକେନ୍ଦ୍ରରେ ପହଞ୍ଚିବାର ବ୍ୟବସ୍ଥା ହେଲେ ନିୟୋଜିତ କର୍ମଚାରୀମାନଙ୍କ ପାଇଁ ସୁବିଧାଜନକ ହୋଇ ପାରନ୍ତା ବୋଲି ନିର୍ବାଚନ ପ୍ରଶିକ୍ଷଣ ନେଉଥିବା କର୍ମଚାରୀମାନେ ମତବ୍ୟକ୍ତ କରିଛନ୍ତି।

ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ନୟାଗଡ଼ ଜିଲାରେ ମେ' ମାସ ୨୦ ଏବଂ ୨୫ ତାରିଖରେ ଭୋଟଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏ ନେଇ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ପ୍ରଶିକ୍ଷଣ ଦେବା କାର୍ଯ୍ୟ ସମାପନ ହୋଇଛି । ଜିଲାରେ ୪ଟି ନିର୍ବାଚନ ମଣ୍ଡଳୀ ଯଥା ନୟାଗଡ଼,ଖଣ୍ଡପଡ଼ା ପାଇଁ ସମୁଦାୟ ୯୩୭ଟି ବୁଥ ଗଠନ କରାଯାଇଥିବା ବେଳେ ପ୍ରତ୍ୟେକ ବୁଥ ପାଇଁ ଜଣେ ପ୍ରିଜାଇଡିଂ ଅଫିସର ଏବଂ ୫ ପୋଲିଂ ଅଫିସର ନିଯୁକ୍ତ ହୋଇଛନ୍ତି । ସେଥିମଧ୍ୟରୁ ମହିଳାମାନଙ୍କ ପାଇଁ ୧୨୦ଟି ପିଙ୍କ ବୁଥର ମଧ୍ୟ ବ୍ୟବସ୍ଥା ହୋଇଛି । ପ୍ରତ୍ୟେକ ବୁଥ ପାଇଁ ଜଣେ ସୁରକ୍ଷା କର୍ମୀ,ଜଣେ ବିଏଲଓଙ୍କୁ ମଧ୍ୟ ନିୟୋଜିତ କରାଯାଇଛି ।



ନିର୍ବାଚନ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ସରକାରୀ କର୍ମଚାରୀ।

